ଆଜି ଭୋଟ ଗ୍ରହଣ

### ମତଦାନ କେନ୍ଦ୍ରରେ ପହଞ୍ଚିଲେ ପୋଲିଂ ପାର୍ଟି

# ଭୋଟ ଦେବେ ୧୩ ଲକ୍ଷ ୨୯ ହଜାର ୯୪୫ ଭୋଟର







**ବଲାଙ୍ଗିର, ୧୯।୫(ସମିସ)**

ସାଧାରଣ ନିର୍ବାଚନ ପାଇଁ ବୁଥରେ ପହଞ୍ଚିଲେ ପୁଲିଂ କର୍ମଚାରୀ। ରବିବାର ତିନୋଟି ଷ୍ଟ୍ରଙ୍ଗରୁମରୁ ଇଭିଏମ ନେଇ ପୁଲିଂ ପାର୍ଟି ସନ୍ଧ୍ୟା ସୁଦ୍ଧା ନିଜ ନିଜ ମତଦାନ କେନ୍ଦ୍ରରେ ସୁରକ୍ଷିତ ଭାବେ ପହଞ୍ଚିଥିବା ଜଣାପଡ଼ିଛି। ଜିଲ୍ଲାରେ ନିର୍ବାଚନ ପାଇଁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଥିବା ବେଳେ ଗଣତନ୍ତ୍ରର ଏହି ମହାନ ପର୍ବରେ ପ୍ରାୟ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ସାମିଲ ହେବେ। ଜିଲ୍ଲାରେ ଥିବା ୫ ବିଧାନସଭା କ୍ଷେତ୍ରରେ ଆଜି ଭୋଟର ମାନେ ମତଦାନ କରିବେ। ଅବାଧ ଓ ସ୍ୱଚ୍ଛ ନିର୍ବାଚନ ପରିଚାଳନା କରିବା ପାଇଁ ବହୁ ସଂଖ୍ୟାରେ ପୁଲିସ କର୍ମଚାରୀଙ୍କ ଉପରେ ସୁରକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଛି। ଚଳିତ ନିର୍ବାଚନରେ ସଖୀ ବୁଥ୍ ସଂଖ୍ୟା ବଢ଼ାଯାଇଥିବା ବେଳେ ଯୁବ ଭୋଟର ମାନଙ୍କୁ ଆକୃଷ୍ଟ କରିବା ପାଇଁ ଯୁବ ମତଦାନ କେନ୍ଦ୍ର, ଭିନ୍ନକ୍ଷମ ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି।

ସୂଚନା ଅନୁସାରେ ଜିଲ୍ଲାରେ ୫ଟି ବିଧାନସଭା କ୍ଷେତ୍ର ଲୋଇସିଂହା, ପାଟଣାଗଡ଼, ବଲାଙ୍ଗିର, ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ରହିଛି। ଏହି ୫ ବିଧାନସଭା ନିର୍ବାଚନମଣ୍ଡଳୀରେ ସମୁଦାୟ ୧୩ ଲକ୍ଷ ୨୯ହଜାର ୯୪୫ ଭୋଟ ରହିଛନ୍ତି। ଏଥିରେ ୬ ଲକ୍ଷ ୭୩ ହଜାର ୮୨୨ ପୁରୁଷ, ୬ ଲକ୍ଷ ୫୫ ହଜାର ୮୩୩ ମହିଳା ଭୋଟର ରହିଛନ୍ତି। ଏଥିରେ ଲୋଇସିଂହା ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୪୫ହଜାର ୪୬୬, ପାଟଣାଗଡ଼ ନିର୍ବାଚନମଣ୍ଡଳୀରେ ୩ ଲକ୍ଷ ୫ହଜାର ୮୬୧, ବଲାଙ୍ଗିର ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୪୩ ହଜାର ୪୬, ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୫୭ ହଜାର ୫୧୭ ଓ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୭୮ ହଜାର ୫୫ ଭୋଟର ରହିଛନ୍ତି। ମତଦାନ କରିବା ପାଇଁ ଜିଲ୍ଲାରେ ସମୁଦାୟ ୧୫୪୮ ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଏଥିରେ ଲୋଇସିଂହା ନିର୍ବାଚନମଣ୍ଡଳୀରେ ୨୯୪, ପାଟଣାଗଡ଼ ନିର୍ବାଚନମଣ୍ଡଳୀରେ ୩୪୫, ବଲାଙ୍ଗିର ନିର୍ବାଚନମଣ୍ଡଳୀରେ ୨୬୬, ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରେ ୩୦୯ ଓ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ୩୩୪ ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଚଳିତ ନିର୍ବାଚନରେ ସଖୀ ବୁଥ, ଭିନ୍ନକ୍ଷମ ବୁଥ, ଯୁବ ବୁଥ୍ର ବ୍ୟବସ୍ଥା କରାଯାଇଛି। ୧୫୪୮ ମତଦାନ କେନ୍ଦ୍ର ମଧ୍ୟରୁ ୨୩୬ଟି ସଖୀ ମତଦାନ କେନ୍ଦ୍ର ରହିଛି। ଏହି ମତଦାନ କେନ୍ଦ୍ରରେ ମହିଳା ପୋଲିଂପାର୍ଟିକୁ ନିୟୋଜିତ କରାଯାଇଛି। ସର୍ବାଧିକ ସଖୀ ବୁଥ ବଲାଙ୍ଗିର ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ରହିଛି। ଏଠାରେ ୮୮ଟି ସଖୀ ବୁଥ ରହିଥିବା ବେଳେ ଲୋଇସିଂହାରେ ୨୯, ପାଟଣାଗଡ଼ରେ ୩୫, ଟିଟିଲାଗଡ଼ରେ ୫୦ ଓ କଣ୍ଟାବାଞ୍ଜିରେ ୩୪ ଟି ବୁଥ ରହିଛି। ସେହିପରି ୫ ବିଧାନସଭା ନିର୍ବାଚନମଣ୍ଡଳୀରେ ୫ଟି ଭିନ୍ନକ୍ଷମ ମତଦାନ କେନ୍ଦ୍ର ରହିଛି। ଏହି କେନ୍ଦ୍ର ମାନଙ୍କରେ ଭିନ୍ନକ୍ଷମ କର୍ମଚାରୀ ମାନଙ୍କୁ ସାମିଲ କରାଯାଇଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଯୁବ ମତଦାନ କେନ୍ଦ୍ର ର ବ୍ୟବସ୍ଥା କରାଯାଇଛି। ପ୍ରତି ନିର୍ବାଚନମଣ୍ଡଳୀରେ ୫ ଟି ଲେଖାଏଁ ଯୁବ ମତଦାନ କେନ୍ଦ୍ରର ବ୍ୟବସ୍ଥା ରହିଛି। ଏହି କେନ୍ଦ୍ର ମାନଙ୍କରେ ୩୦ ବର୍ଷରୁ କମ୍ ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ସାମିଲ କରାଯାଇଛି। ସେହିପରି ଜିଲ୍ଲାରେ ୫ଟି ଇକୋ ଫ୍ରେଣ୍ଡଲି ବୁଥ ବ୍ୟବସ୍ଥା କରାଯାଇଛି। ଏହି ବୁଥମାନଙ୍କରେ ପରିବେଶ ସଚେତନତାର ବାର୍ତ୍ତାଦେବା ଉଦ୍ଦେଶ୍ୟରେ ଏହି ବୁଥ୍ କରାଯାଇଛି। ଅନ୍ୟପକ୍ଷରେ ଜିଲ୍ଲାରେ ୧୦ ଟି ସ୍ୱତନ୍ତ୍ର ବୁଥ୍ର ବ୍ୟବସ୍ଥା କରାଯାଇଛି। ଯେଉଁ ବୁଥ୍ରେ କି ଜିଲ୍ଲାରେ କଳା, ସଂସ୍କୃତି ବିଷୟରେ ଭୋଟରଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରାଯିବ। ପ୍ରତି ମତଦାନ କେନ୍ଦ୍ରରେ ପୋଲିଂ ପାର୍ଟିରେ ଜଣେ ଲେଖାଏଁ ପୁଲିସ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ପ୍ରତି ପୋଲିଂ ପାର୍ଟିରେ ଜଣେ ଲେଖାଏଁ ପୋଲିଂ ଅଧିକାରୀଙ୍କ ସହ ୫ଜଣ ପୁଲିଂ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହିକ୍ରମରେ ସମୁଦାୟ ୧୦ ହଜାର ୨୭୧ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏଥିରେ ଲୋଇସିଂହା ନିର୍ବାଚନମଣ୍ଡଳୀରେ ୧୯୪୪ଜଣ, ପାଟଣାଗଡ଼ ନିର୍ବାଚନମଣ୍ଡଳୀରେ ୨୨୯୨ ଜଣ, ବଲାଙ୍ଗିର ସଦର ନିର୍ବାଚନମଣ୍ଡଳୀରେ ୧୭୭୦ଜଣ, ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରେ ୨୦୪୬ ଜଣ ଓ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀରେ ୨୨୧୯ ଜଣ କର୍ମଚାରୀ ରହିଛନ୍ତି।

- ୫ ବିଧାନସଭା ନିର୍ବାଚନମଣ୍ଡଳୀରେ ରହିଛି ୧୫୪୮ ମତଦାନ କେନ୍ଦ୍ର
- ୧୦ ହଜାର ୨୭୧ କର୍ମଚାରୀ ନିୟୋଜିତ
- ୨୩୬ ସଖୀ ବୁଥ୍ରେ ନିୟୋଜିତ ମହିଳା କର୍ମଚାରୀ

## ୩୮ ବିଧାୟକ ଓ ୧୦ ସାଂସଦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର

ବଲାଙ୍ଗିର ଜିଲ୍ଲାରେ ଥିବା ୫ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଗ୍ୟ ପରୀକ୍ଷା କରୁଛନ୍ତି ୩୮ ଜଣ ପ୍ରାର୍ଥୀ। ବିଜେଡି, କଂଗ୍ରେସ ଓ ବିଜେପି ବ୍ୟତୀତ ଅନ୍ୟ ଦଳରୁ ମଧ୍ୟ ପ୍ରାର୍ଥୀମାନେ ନିର୍ବାଚନରେ ନିଜ ଭାଗ୍ୟ ପରୀକ୍ଷା କରୁଛନ୍ତି। ଜିଲ୍ଲାର ଲୋଇସିଂହା ନିର୍ବାଚନମଣ୍ଡଳୀରେ ୭ ଜଣ ପ୍ରାର୍ଥୀ ଥିବାବେଳେ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରେ ୬ ବିଧାୟକ ପ୍ରାର୍ଥୀ ରହିଛନ୍ତି। ପାଟଣାଗଡ଼ ନିର୍ବାଚନମଣ୍ଡଳୀରେ ୮ ଜଣ ପ୍ରାର୍ଥୀ ରହିଥିବାବେଳେ ବଲାଙ୍ଗିରରେ ୬ ଜଣ ବିଧାୟକ ପ୍ରାର୍ଥୀ ରହିଛନ୍ତି। ସେହିପରି କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ନିଜେ ପ୍ରାର୍ଥୀ ହୋଇଥିବାବେଳେ ସେଠାରେ ସର୍ବାଧିକ ୧୧ ଜଣ ବିଧାୟକ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ଅପରପକ୍ଷେ ବଲାଙ୍ଗିର ଲୋକସଭା ଆସନରେ ୧୦ ଜଣ ପ୍ରାର୍ଥୀ ନିଜ ଭାଗ୍ୟ ପରୀକ୍ଷା କରୁଛନ୍ତି।

## ପ୍ରଥମଥର ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ପ୍ରତିକ୍ରିୟା



ଆମେ ହେଲୁ ଭାରତୀୟ। ଭାରତ ଭଳି ଏକ ଗଣତନ୍ତ୍ର ରାଷ୍ଟ୍ରରେ ଜନ୍ମ ହୋଇ ଯେତେ ଗର୍ବିତ ତା ଠୁ ଅଧିକ ଏହି ଗଣତନ୍ତ୍ରର ମହାନ ପର୍ବ ନିର୍ବାଚନରେ ସାମିଲ ହେବା। ପ୍ରଥମ ଥର ପାଇଁ ନିର୍ବାଚନୀ କାର୍ଯ୍ୟରେ ସାମିଲ ହେବାକୁ ସୁଯୋଗ ପାଇଛି। ଶିକ୍ଷୟତ୍ରୀ ଭାବେ ଯୋଗଦେବା ପରେ ଆଜିର ଦିନ ମୋ ପାଇଁ ସ୍ମରଣୀୟ ହୋଇରହିବ। ଯେବେ ବି ନିର୍ବାଚନ ରେ ସାମିଲ ହେବାକୁ ସୁଯୋଗ ମିଳିବ ମୁଁ ନିଶ୍ଚିତ ଭାବେ ସାମିଲ ହେବି। ଅନ୍ୟମାନେ ମଧ୍ୟ ସାମିଲ ହେବା କଥା। ଏହା ଆମ ମାନଙ୍କର ଏକ ବଡ଼ କର୍ତ୍ତବ୍ୟ।

**ଅପର୍ଣ୍ଣା ପତି, ଶିକ୍ଷୟିତ୍ରୀ ଲେପଟା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗିର**



ମୁଁ ଜଣେ ଭିନ୍ନକ୍ଷମ। କିଛିମାସ ପୂର୍ବରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ ଚାକିରି ପାଇଛି। ଚାକିରି ପାଇବା ପରେ ପରେ ନିର୍ବାଚନ ପାଇଁ ମତଦାନ କେନ୍ଦ୍ରରେ ନିୟୋଜିତ କରାଯିବା ନେଇ ସୂଚନା ପାଇଥିଲି। ପ୍ରଥମେ ଅଜବ ଲାଗିଥିଲା। ତାଲିମ ନେବାପରେ ପୋଲିଂ ବୁଥରେ କାର୍ଯ୍ୟକରିବା ପାଇଁ ଉତ୍ସାହ ରହିଛି। ମହିଳା କର୍ମଚାରୀଙ୍କୁ ସଖୀ ବୁଥ୍ରେ ନିୟୋଜିତ କରାଯାଇଛି। ସେମାନଙ୍କ ସୁରକ୍ଷା ଓ ସୁବିଧାକୁ ଗୁରୁତ୍ୱ ଦିଆଯାଇଛି। ଜଣେ ସରକାରୀ କର୍ମଚାରୀ ହିସାବରେ ଦେଶର ଏକ ବଡ଼ ପର୍ବରେ ସାମିଲ ହୋଇଥିବାରୁ ମୁଁ ଗର୍ବିତ।

**ବଲ୍ଲଭି ବରିହା, ପଞ୍ଚାୟତ ନିର୍ବାହୀ ଅଧିକାରୀ, ବଲାଙ୍ଗିର**

## ନିର୍ବାଚନ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ମୃତ୍ୟୁ

**ବଲାଙ୍ଗିର, ୧୯।୫(ସମିସ):** ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ରେ ନିର୍ବାଚନ ଦାୟିତ୍ୱରେ ଯୋଗ ଦେଇଥିବା ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ସମ୍ପୃକ୍ତ ଶିକ୍ଷକ ଜଣକ ଆଗଲପୁର ବ୍ଲକ ପଟୁଆପାଲି ପ୍ରାଥମିକ ବିଦ୍ୟାଳୟର



ଶିକ୍ଷକ ସୁଶୀଲ ଆଚାର୍ଯ୍ୟ ବୋଲି ସୂଚନା ମିଳିଛି।

ଆଗଲପୁର ବ୍ଲକ ପଟୁଆପାଲି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଶିକ୍ଷକ ସୁଶୀଲ ଆଚାର୍ଯ୍ୟଙ୍କୁ ନିର୍ବାଚନ ଦାୟିତ୍ୱରେ ଯୋଗଦେବାକୁ ନିର୍ଦ୍ଦେଶ ଆସିଥିଲା। ନିର୍ବାଚନ ଦାୟିତ୍ୱରେ ଯୋଗଦେବାକୁ ସେ ଟିଟିଲାଗଡ଼ରେ ପହଞ୍ଚିଥିଲେ। ସୋମବାର ବୁଥ୍ ଯିବା ପୂର୍ବ ପ୍ରସ୍ତୁତି କରୁଥିବା ସମୟରେ ସେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତାଙ୍କ ସହକର୍ମୀମାନେ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ମୃତକଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ତେବେ ନିର୍ବାଚନୀ ଦାୟିତ୍ୱରେ ଥିବା ସମୟରେ ହିଁ ତାଙ୍କର ମୃତ୍ୟୁ ଘଟିଥିବାରୁ ତାଙ୍କ ପରିବାରକୁ ନିୟମାନୁସାରେ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଛି।

## ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛି ବିଜେପି

**ଟିଟିଲାଗଡ଼, ୧୯।୫ (ସମିସ):** ସୋମବାର ଟିଟିଲାଗଡ଼ରେ ଭୋଟ ଗ୍ରହଣ କରାଯିବ। ଏନେଇ ଶନିବାର ସନ୍ଧ୍ୟାରୁ ନିର୍ବାଚନ ପ୍ରଚାର ଉପରେ ନିର୍ବାଚନ କମିଶନ କଟକଣା ଲାଗୁ କରିଛନ୍ତି। ହେଲେ ବିଜେପି ବିଧାୟକ ପ୍ରାର୍ଥୀ ନବୀନ ଜୈନ ଆଜି ମଧ୍ୟ ପ୍ରଚାର କାର୍ଯ୍ୟକ୍ରମ ଜାରି ରଖିଥିବା ବିଜେଡି ପକ୍ଷରୁ ସ୍ଥାନୀୟ କାର୍ଯ୍ୟାଳୟଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛି। ସାମାଜିକ ଗଣମାଧମରେ ପ୍ରସାରିତ ଏକ ଭିଡିଓରେ ବିଜେପି ପ୍ରାର୍ଥୀ ନବୀନ ଜୈନ ଏବଂ ଦଳର କର୍ମକର୍ତ୍ତା ଆଜି ମଧ୍ୟ ବିଭିନ୍ନ ସ୍ଥାନ ବୁଲି ପ୍ରଚାର କରୁଥିବା ଦେଖାଯାଇଥିଲା। ଅଭିଯୋଗ ପାଇ ନିର୍ବାଚନ ଅଧିକାରୀ ତାଙ୍କୁ ସତର୍କ କରିବାକୁ ଯାଇଥିବା ବେଳେ ନିର୍ବାଚନ ଅଧିକାରୀ ଏବଂ ପୁଲିସ ପ୍ରଶାସନଙ୍କୁ ତାଙ୍କ ପତ୍ନୀ ତଥା ଟିଟିଲାଗଡ଼ ପୌରାଧ୍ୟକ୍ଷା ଦୁର୍ବ୍ୟବହାର ପ୍ରଦର୍ଶନ ସହ ବିଜେଡି ବିଧାୟକ ପ୍ରାର୍ଥୀ ଟୁକୁନି ସାହୁଙ୍କ ଉପରେ ଦୋଷାରୋପ କରିଥିଲେ। ନିର୍ବାଚନ ନିୟମକୁ ଉଲଂଘନ କରିଥିବା ବିଜେପି ବିଧାୟକ ପ୍ରାର୍ଥୀ ନବୀନ ଜୈନ ଏବଂ ଦଳର କର୍ମକର୍ତ୍ତାଙ୍କୁ ଗିରଫ କରାଯାଉ ବୋଲି ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଟିଟିଲାଗଡ଼ ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, କାଉନସିଲର ସଞ୍ଜୁ ଗୋୟଲ, ଚନ୍ଦ୍ରକାନ୍ତି ନାଗ ମାନସ ସାହୁ, ଟିନୁ ଅଗ୍ରୱାଲ, ଗୋପାଳକୃଷ୍ଣ ବେହେରା ଦାବି କରିଛନ୍ତି।



## ଟିଟିଲାଗଡ଼ରୁ ହଜ୍ ଗଲେ ୧୧ ତୀର୍ଥଯାତ୍ରୀ



**ଟିଟିଲାଗଡ଼, ୧୯।୫(ସମିସ):** ୨୦୨୪ରେ ହଜକୁ ଟିଟିଲାଗଡ଼ରୁ ୧୧ ଜଣ ତୀର୍ଥଯାତ୍ରୀ ଗଲେ। ସିନିଅର୍ ଆଡ୍‌ଭୋକେଟ୍ ଏମ୍‌ଡି ମୁମତାଜ୍ ଖାନ୍, ସଲମା ଖାନ୍, ଏମଡି ମୁସ୍ତାକ୍ ଖାନ୍, ସମସୁନ୍ ଖାନ୍, ଇଆର୍ ଏମଡି ମୁକ୍ତାର୍ ଖାନ୍, ଏ ଜୌହର୍, ଏମ୍ ସୁଲତାନା, ଏଲ୍ ଖାନ୍, ଏସ୍ ନିଗାର୍, ଏ ଜବ୍ବାର୍, ଜମିଲା ଖାତୁନ୍। ବେଙ୍ଗାଲୁରୁରୁ ସାଉଦି ଆରବର ମକ୍କାକୁ ଉଡ଼ାଣ ନେବେ। ଏହି ଅବସରରେ ଟିଟିଲାଗଡ଼ ମୁସ୍ଲିମ୍ ଜମାତ୍ ଦ୍ୱାରା ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଫଳ ଯାତ୍ରା ପାଇଁ ଇଆର୍ ଏମ୍‌ଡି ଅବ୍ବାସ୍ ଖାନ୍, ଇଆର୍ ଅସଫାକ୍ ଖାନ୍, ଇଆର୍ କମରୁଦ୍ଦିନ ଅଲି ଅହମଦ୍, ଏମଡି ଅଜମତ୍ ଖାନ୍, ମୋସିନ ଖାନ୍, ରଜିୟା ଅଲି ଅହମଦ୍, ନିଖତ୍ ଖାନ୍, ସଗୁପ୍ତା ଖାନ୍, ରୁକବାନା ଖାନ୍, ନାଜ୍ ପାରୱିନ୍, ଆୟେଶା ଖାନ୍ ପ୍ରମୁଖ ରେଲଷ୍ଟେସନ୍ ଯାଇଥିଲେ।

## ପ୍ରାଦେଶିକ ପରୀକ୍ଷାରେ ଶିଶୁ ମନ୍ଦିର ବିଦ୍ୟାଳୟର କୃତିତ୍ୱ

**ଟିଟିଲାଗଡ଼, ୧୯।୫(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଟିଟିଲାଗଡ଼ରେ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ର ଲୀଳାଧର ବିଶି ରାଜ୍ୟସ୍ତରୀୟ ପ୍ରାଦେଶିକ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ସମଗ୍ର ଓଡ଼ିଶାରେ ଦଶମ ସ୍ଥାନ ଲାଭ କରିଛନ୍ତି। ଏହା ସହିତ ବିଦ୍ୟାଳୟର ଉନ୍ନୟ ସାହୁ, ଆୟୁଷ କୁମାର ରଣା, ଅଙ୍କିତ କୁମାର ପୋଡ଼, ସୋମ ପ୍ରକାଶ କ୍ଷେତି, ଗୁପ୍ତେଶ୍ୱର ହରପାଲ, ପଲ୍ଲବୀ ସାହୁ, ସନ୍ଧ୍ୟାରାଣୀ ମିଶ୍ର, ରୁଦ୍ରାଣୀ ମହାପାତ୍ର, ଦକ୍ଷିତା ମହାପାତ୍ର ଓ ରୁଦ୍ରପ୍ରଭା ସାହୁ ପ୍ରାଦେଶିକ ମେଧା ଓ ଶ୍ରୀ ଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ କୃତିତ୍ୱ ଲାଭକରି ବିଦ୍ୟାଳୟ ତଥା ପରିବାର ପାଇଁ ସମ୍ମାନ ଆଣିଛନ୍ତି।

### ନିର୍ବାଚନ ପାଇଁ ପ୍ରସ୍ତୁତି ଶେଷ

## ସମ୍ବେଦନଶୀଳ ବୁଥ୍ରେ କଡ଼ା ସୁରକ୍ଷା ବ୍ୟବସ୍ଥା

**ପାଟଣାଗଡ଼, ୧୯।୫(ସମିସ):** ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରେ ସୋମବା ଭୋଟ ଗ୍ରହଣ ହେବ। ପାଟଣାଗଡ଼ ଜବହାରାଲାଲ କଲେଜଠାରେ ସମସ୍ତ ପୋଲିଂ କର୍ମଚାରୀଙ୍କୁ ନିର୍ବାଚନ ପାଇଁ ସମସ୍ତ ଉପକରଣ ପ୍ରଦାନ କରାଯାଇଛି। ନିର୍ବାଚନକୁ ସ୍ୱଚ୍ଛ ଓ ନିର୍ମଳ କରିବା ପାଇଁ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସମ୍ବେଦନଶୀଳ ବୁଥ୍ ଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହି ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ ୩୪୫ ବୁଥ୍କୁ ପୋଲିଂ କର୍ମଚାରୀମାନେ ପହଞ୍ଚି ସାରିଲେଣି। ସୁରକ୍ଷା ପାଇଁ ପାଞ୍ଚ ପ୍ଲାଟୁନ ପୁଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଛି। ହେବାକୁ ଥିବା ନିର୍ବାଚନକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ଲାଗିରହିଛି। ଗତକାଲି ଠାରୁ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର ଅବଧି ଶେଷ ହୋଇଛି। ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ଟକ୍କର ହେବାନେଇ ଚର୍ଚ୍ଚା ଲାଗି ରହିଛି। ଅନ୍ୟପଟେ ଖପ୍ରାଖୋଲ ବ୍ଲକ ମାଓପ୍ରବଣ ଅଞ୍ଚଳ ହୋଇଥିବାରୁ ପ୍ରଶାସନ ତରଫରୁ ନିର୍ବାଚନ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବା ସହ ନିର୍ବାଚନ ପାଇଁ ପାଞ୍ଚ ପ୍ଲାଟୁନ ପୁଲିସ ମୁତୟନ କରାଯାଇଛି ଓ ପାଟ୍ରୋଲିଂ ବ୍ୟବସ୍ଥା କୁ କଡାକଡି କରାଯିବା ନେଇ ଏସ୍‌ଡିପିଓ ସଦାନନ୍ଦ ପୂଝାରୀ ସୂଚନା ଦେଇଛନ୍ତି।

# ବାଜିରେ ଲାଗିଛି ହେଭିଓ୍ୱେଟ୍‌ଙ୍କ ପତିଆରା

**ବଲାଙ୍ଗିର, ୧୯।୫(ସମିସ)**

ବଲାଙ୍ଗିରରେ ବାଜିରେ ଲାଗିଛି ହେଭିଓ୍ୱେଟଙ୍କ ରାଜନୈତିକ ଭବିଷ୍ୟତ। ମୁଖ୍ୟମନ୍ତ୍ରୀ ନିଜେ ଜିଲ୍ଲାରୁ ପ୍ରାର୍ଥୀ ହୋଇଥିବାବେଳେ ଅନେକ ନେତାଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିବ ୨୦୨୪ ସାଧାରଣ ନିର୍ବାଚନ। ଟୁକୁନି ସାହୁ, କଳିକେଶ ନାରାୟଣ ସିଂହଦେଓ, କନକ ବର୍ଦ୍ଧନ ସିଂହଦେଓ, ସଙ୍ଗୀତା କୁମାରୀ ସିଂହଦେଓ ଏହିଭଳି ଅନେକ ବରିଷ୍ଠଙ୍କ ଭବିଷ୍ୟତ ଏହି ନିର୍ବାଚନରେ ବାଜି ଲାଗିଛି। ନିର୍ବାଚନ ଜିତିଲେ ସମ୍ମାନ ଅକ୍ଷୁର୍ଣ୍ଣ ରହିବ ଆଉ ହାରିଲେ ସମ୍ମାନ ସହ ପତିଆରା ବି ଯିବ। ସମସ୍ତ ଉଦ୍ୟମ ସରିବା ପରେ ଏବେ ଏମାନଙ୍କ ପାଇଁ ଭୋଟର ହିଁ ଭଗବାନ।

ବଲାଙ୍ଗିର ଜିଲ୍ଲାରେ ଥିବା ପାଞ୍ଚ ବିଧାନସଭା ନିର୍ବାଚନମଣ୍ଡଳୀ ଲୋଇସିଂହା, ପାଟଣାଗଡ଼, ଟିଟିଲାଗଡ଼, ବଲାଙ୍ଗିର ଓ କଣ୍ଟାବାଞ୍ଜିରେ ତିନି ପ୍ରମୁଖ ରାଜନୈତିକ ଦଳ ମୁହାଁମୁହିଁ ହେଉଛନ୍ତି। ଏହାରି ଭିତରେ ଅନେକ ବରିଷ୍ଠ, ଅଭିଜ୍ଞ ଓ ନବାଗତଙ୍କ ଭାଗ୍ୟ ଏହି ନିର୍ବାଚନ ନିର୍ଦ୍ଧାରଣ କରିବ। କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀରେ ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ଲଢୁଛନ୍ତି। ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି କଂଗ୍ରେସର ହେଭିଓ୍ୱେଟ ନେତା ସନ୍ତୋଷ ସିଂ ସାଲୁଜା। ସେହିପରି ବିଜେପିରୁ ଲକ୍ଷ୍ମଣ ବାଗ ମଧ୍ୟ ନିର୍ବାଚନ ଲଢୁଛନ୍ତି। ସେହିପରି ଟିଟିଲାଗଡ଼ରେ ବାଜିରେ ଲାଗିଛି ବିଜେଡି ହେଭିଓ୍ୱେଟ ମହିଳା ନେତ୍ରୀ ଟୁକୁନି ସାହୁଙ୍କ ପତିଆରା। ତାଙ୍କ ସହ ଦୁଇ ନବାଗତ ନିର୍ବାଚନ ଲଢୁଥିବା ବେଳେ ଟୁକୁନୀଙ୍କୁ କଡା ମୁକାବିଲା ସାମ୍ନା କରିବାକୁ ପଡ଼ିଛି। ଲୋଇସିଂହା ନିର୍ବାଚନମଣ୍ଡଳିରେ ବିଜେପି ବିଧାୟକ ମୁକେଶ ମହାଲିଙ୍ଗ ନିର୍ବାଚନ ଲଢୁଥିବା ବେଳେ ତାଙ୍କୁ ଚେକମେଟ ଦେବା ପାଇଁ ନବାଗତ ବିଜେଡି ପ୍ରାର୍ଥୀ ନିହାର ରଞ୍ଜନ ବେହେରା ନିର୍ବାଚନ ଲଢୁଛନ୍ତି। ବଲାଙ୍ଗିର ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ହେଭିଓ୍ୱେଟ ଯୁବନେତା କଳିକେଶ ନାରାୟଣ ସିଂହଦେଓ ନିର୍ବାଚନ ଲଢୁଥିବାବେଳେ ତାଙ୍କ ସାମ୍ନାରେ କଂଗ୍ରେସର ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିର୍ବାଚନ ଲଢୁଛନ୍ତି। ପାଟଣାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ଦୁଇ ହେଭିଓ୍ୱେଟ ନେତା ମୁହାଁମୁହିଁ ହେଉଛନ୍ତି। ବିଜେପି ନେତା କନକ ବର୍ଦ୍ଧନ ସିଂହଦେଓ ଓ ବିଜେଡି ନେତା ସରୋଜ ମେହେର ନିର୍ବାଚନ ଲଢୁଥିବାବେଳେ କଡା ମୁକାବିଲା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଚଳିତ ଲୋକସଭା ନିର୍ବାଚନରେ ଦୁଇ ହେଭିଓ୍ୱେଟ ନିର୍ବାଚନ ଲଢୁଛନ୍ତି। ବିଜେପିରୁ ସଙ୍ଗୀତା କୁମାରୀ ସିଂହଦେଓ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡିରୁ ସୁରେନ୍ଦ୍ର ସିଂ ଭୋଇ ନିର୍ବାଚନ ଲଢୁଛନ୍ତି। ଉଭୟ ବରିଷ୍ଠ ଓ ଅଭିଜ୍ଞ ନେତା ହୋଇଥିବା ବେଳେ ଉଭୟଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଛି। ଏହି ସବୁ ନେତା ମାନେ ଅଭିଜ୍ଞ ନେତା ହୋଇଥିବା ବେଳେ କିଛି ନବାଗତ ମଧ୍ୟ ରହିଛନ୍ତି। କେଉଁ ନିର୍ବାଚନମଣ୍ଡଳୀରେ ନବାଗତ ହେଭିଓ୍ୱେଟଙ୍କୁ ଟକ୍କର ଦେଉଥିବା ବେଳେ ଆଉ କିଛି ସ୍ଥାନରେ ଅଭିଜ୍ଞ ବହୁ ଆଗରେ ରହିଛନ୍ତି। ଏହିସବୁ ଭିତରେ ଆଜି ଏହି ନେତା ମାନଙ୍କ ଭାଗ୍ୟ ଓ ଭବିଷ୍ୟତ ଭୋଟର ନିର୍ଦ୍ଧାରଣ କରିବେ। ସମସ୍ତ ପ୍ରକାର ପ୍ରଚାର ସରିବା ପରେ ଏବେ ନେତା ଓ ଜନତା ଉଭୟ ନୀରବ ରହିଛନ୍ତି। କୁଆଡେ ଯିବ ଭୋଟ, କିଏ ପିନ୍ଧିବ ବିଜୟ ମୁକୁଟ ତାହା ବି କହିବା ମୁସ୍କିଲ। ସମସ୍ତ ରାଜନୈତିକ ଦଳ ବିଜୟ ଆଶାରେ ରହିଛନ୍ତି। ଭୋଟ ଜିତିଲେ ନବାଗତ ଙ୍କୁ ନୁଆ ସୁଯୋଗ ମିଳିବ ଓ ଅଭିଜ୍ଞଙ୍କ ରାଜନୈତିକ ଭବିଷ୍ୟତ ଆହୁରି ଗଭୀର ହେବ।

ସକାଳ
THE SAKALA



www.sakalaepaper.com

# ରାତି ପାହିଲେ ନିର୍ବାଚନ
# ମତଦାନ କରିବେ ୧୫,୬୭,୨୦୫ ଭୋଟର









**ରାଉରକେଲା, ୧୯ ।୫(ସମିସ)**

ରାତି ପାହିଲେ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପର୍ଯ୍ୟାୟରେ ସୁନ୍ଦରଗଡ଼ ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ୭ ବିଧାନସଭା ଆସନରେ ଭୋଟ ଗ୍ରହଣ ହେବ। ନିର୍ବାଚନକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ ଭାବେ ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ।

ସୁନ୍ଦରଗଡ଼ ଜିଲ୍ଲା ତଥା ଲୋକସଭା କ୍ଷେତ୍ରରେ ମୋଟ ୧୫, ୬୭, ୨୦୫ ଭୋଟର ଅଛନ୍ତି । ସେଥିମଧ୍ୟରୁ ୭, ୭୭, ୯୦୫ ପୁରୁଷ, ୭, ୯୮, ୦୩୨ ମହିଳା ଓ ୧୬୮ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ଭିନ୍ନକ୍ଷମ ଭୋଟରଙ୍କ ସଂଖ୍ୟା ୨୧, ୧୪୭ ହୋଇଥିବାବେଳେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ୯୪୨୯ ଭୋଟର ଅଛନ୍ତି। ସେହିଭଳି ନୂତନ ଭୋଟର (୧୮ରୁ ୧୯ ବର୍ଷ ବୟସ୍କ) ୪୦, ୯୪୬ ଜଣ ରହିଛନ୍ତି। ୨୦ରୁ ୨୯ ବର୍ଷ ବୟସ ମଧ୍ୟରେ ୩, ୨୭, ୭୩୭ ମତଦାତା ରହିଛନ୍ତି। ବିଭିନ୍ନ କ୍ଷେତ୍ରରେ ଚାକିରି କରିଥିବା ମତଦାତାଙ୍କ ସଂଖ୍ୟା ହେଉଛି ୨୯୯୧। ଜିଲ୍ଲାରେ ମୋଟ ୧୮୪୭ ମତଦାନ କେନ୍ଦ୍ର କରାଯାଇଛି । ସେ ମଧ୍ୟରେ ୨୩୮ ଟି ସଖୀ ବୁଥ୍ ହୋଇଛି । ସଖୀ ବୁଥ୍‌ଗୁଡ଼ିକରୁ କେବଳ ମହିଳା କର୍ମଚାରୀ ନିଯୁକ୍ତ ହୋଇଛନ୍ତି । ତଳସରା ବିଧାନସଭା ନିର୍ବାଚନମଣ୍ଡଳୀରେ ୨୭୭ ମତଦାନ କେନ୍ଦ୍ର ଓ ୪୮ ସଖୀ ବୁଥ, ସୁନ୍ଦରଗଡ଼ ବିଧାନସଭାରେ ୨୯୬ ମତଦାନ କେନ୍ଦ୍ର ଏବଂ ୩୦ ସଖୀ ବୁଥ୍, ବୀରମିତ୍ରପୁର ବିଧାନସଭାରେ ୩୦୧ ମତଦାନ କେନ୍ଦ୍ର ଏବଂ ୩୦ ସଖୀ ବୁଥ୍, ରଘୁନାଥପାଲୀ ବିଧାନସଭାରେ ୧୯୩ ମତଦାନ କେନ୍ଦ୍ର ଏବଂ ୩୬

**▶▶ ୧୮୪୭ ମତଦାନ କେନ୍ଦ୍ରରୁ ୨୩୮ 'ସଖୀ' ବୁଥ୍**
**▶▶ ୯୩ ସମ୍ବେଦନଶୀଳ, ୧୨୨ ଅତି ସମ୍ବେଦନଶୀଳ**

ସଖୀ ବୁଥ୍, ରାଉରକେଲା ବିଧାନସଭାରେ ୧୯୭ ମତଦାନ କେନ୍ଦ୍ର ଏବଂ ୩୫ ସଖୀ ବୁଥ୍, ରାଜଗାଙ୍ଗପୁର ବିଧାନସଭାରେ ୨୭୪ ମତଦାନ କେନ୍ଦ୍ର ଏବଂ ୨୮ ସଖୀ ବୁଥ୍, ବଣାଇଁ ବିଧାନସଭାରେ ୩୦୯ ମତଦାନ କେନ୍ଦ୍ର ଏବଂ ୩୧ ସଖୀ ବୁଥ୍ କରାଯାଇଛି ।

ଜିଲ୍ଲାରେ ୧୨, ୧୯୧ ପୋଲିଂ ଅଧିକାରୀ ଦୁଇ ପର୍ଯ୍ୟାୟରେ ପ୍ରଶିକ୍ଷଣ ନେଇଥିବା ବେଳେ ୧୧୦୯ ଜଣଙ୍କୁ ରିଜର୍ଭ ରଖାଯାଇଛି। ୧୮୪୭ଟି ମତଦାନ କେନ୍ଦ୍ର ପାଇଁ ୧୮୪୭ ପ୍ରିଜାଇଡିଂ ଅଫିସରଙ୍କ ସମେତ ୧୧, ୦୮୨ ପୋଲିଂ ଅଧିକାରୀ ନିୟୋଜିତ ହୋଇଛନ୍ତି। ସେହିପରି ଜିଲ୍ଲାରେ ମୋଟ ୯୩ ସମ୍ବେଦନଶୀଳ ଓ ୧୨୨ ଅତି ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଇଛି। ତନ୍ମଧ୍ୟରୁ ତଳସରାରେ ୫ଟି ସମ୍ବେଦନଶୀଳ ଓ ୧୫ଟି ଅତି ସମ୍ବେଦନଶୀଳ ବୁଥ ଚିହ୍ନଟ ହୋଇଥିବା ବେଳେ ସୁନ୍ଦରଗଡ଼ରେ ୭ଟି ସମ୍ବେଦନଶୀଳ ଓ ୧୫ଟି ଅତି ସମ୍ବେଦନଶୀଳ, ବୀରମିତ୍ରପୁରରେ ୨୩ଟି ସମ୍ବେଦନଶୀଳ ଓ ୧୫୩ଟି ଅତି ସମ୍ବେଦନଶୀଳ, ରଘୁନାଥପାଲୀରେ ୬ଟି ସମ୍ବେଦନଶୀଳ ଓ ୩ଟି ଅତି ସମ୍ବେଦନଶୀଳ, ରାଉରକେଲାରେ ଆଦୌ ସମ୍ବେଦନଶୀଳ ବୁଥ ନଥିବା ବେଳେ ୧୫ଟି ଅତି ସମ୍ବେଦନଶୀଳ, ରାଜଗାଙ୍ଗପୁରରେ ୧୩ଟି ସମ୍ବେଦନଶୀଳ ଓ ୪୪ଟି ଅତି ସମ୍ବେଦନଶୀଳ ଏବଂ ବଣାଇଁ ବିଧାନସଭା ନିର୍ବାଚନମଣ୍ଡଳୀରେ ୩୯ଟି ସମ୍ବେଦନଶୀଳ ବୁଥ ରହିଥିବା ବେଳେ ଆଦୌ ଅତି ସମ୍ବେଦନଶୀଳ ବୁଥ ଚିହ୍ନଟ ହୋଇ ନ ଥିବା ସୂଚନା ମିଳିଛି । ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ନିମନ୍ତେ ସୁନ୍ଦରଗଡ଼ ଜିଲ୍ଲାପାଳ ରିଟର୍ଣ୍ଣିଂ ଅଧିକାରୀ ଥିବାବେଳେ ତଳସରା ବିଧାନସଭା କ୍ଷେତ୍ର ନିମନ୍ତେ ସୁନ୍ଦରଗଡ଼ ଉପଜିଲ୍ଲାପାଳ, ସୁନ୍ଦରଗଡ଼ ବିଧାନସଭା କ୍ଷେତ୍ର ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ବୀରମିତ୍ରପୁର ନିମନ୍ତେ ପାନପୋଷ ଅତିରିକ୍ତ ଉପଜିଲ୍ଲାପାଳ, ରଘୁନାଥପାଲି ନିମନ୍ତେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା ନିମନ୍ତେ ପାନପୋଷ ଉପଜିଲ୍ଲାପାଳ, ରାଜଗାଙ୍ଗପୁର ନିମନ୍ତେ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଏବଂ ବଣାଇଁ ବିଧାନସଭା କ୍ଷେତ୍ର ନିମନ୍ତେ ବଣାଇଁ ଉପଜିଲ୍ଲାପାଳ ରିଟର୍ଣ୍ଣିଂ ଅଧିକାରୀ ରହିଛନ୍ତି ।

ଅବାଧ, ମୁକ୍ତ ମତଦାନ ନିମିତ୍ତ ଜିଲ୍ଲାରେ ୨୨ଟି ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଛି । ଏହି ସ୍କ୍ୱାଡ୍ ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ଜନିତ ଅଭିଯୋଗ ଆଦି ବୁଝିବେ। ସେହିଭଳି ସି-ଭିଜିଲ ଆପ୍ ଦ୍ୱାରା ମଧ୍ୟ ଏହି ଅଭିଯୋଗଗୁଡ଼ିକ ପ୍ରତି ଦୃଷ୍ଟି ଦିଆଯିବ। ଜିଲ୍ଲା ଯୋଗାଯୋଗ କେନ୍ଦ୍ର ମଧ୍ୟ କାର୍ଯ୍ୟକାରୀ ହୋଇଛି । ଏହାର ଟୋଲ ଫ୍ରି ନମ୍ବର '୧୯୫୦' ମାଧ୍ୟମରେ ମଧ୍ୟ ନିର୍ବାଚନ ସମ୍ବନ୍ଧିତ ଅଭିଯୋଗଗୁଡ଼ିକ ଦାଖଲ ହୋଇପାରିବ ।

# ବାବା ବାଣେଶ୍ୱରଙ୍କ ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ



**ବଣାଇଁ, ୧୯ ।୫(ସମିସ):** ବଣାଇଁ ଦେଓଗାଁସ୍ଥିତ ବାବା ବାଣେଶ୍ୱରଙ୍କ ଶୀତଳଷଷ୍ଠୀ ପର୍ବ ପାଳନ ନିମନ୍ତେ ଶନିବାର ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ମନ୍ଦିର ପ୍ରାଙ୍ଗଣରେ ଥିବା ଗୀତା ଆଶ୍ରମରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କମିଟି ଅଧ୍ୟକ୍ଷ ତଥା ବଣାଇଁ ରାଜାସାହେବ ବୀରକେଶରୀ ଇନ୍ଦ୍ରଦେଓ ଦେବଙ୍କ ତତ୍ତ୍ୱାବଧାନ ତଥା ସମ୍ପାଦକ ମହେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ମହାଦେବଙ୍କ ଶୀତଳଷଷ୍ଠୀ ପର୍ବ ସମସ୍ତ ନୀତି ନିୟମ ଅନୁଯାୟୀ ଶାନ୍ତିଶୃଙ୍ଖଳାର ସହ ଧୁମଧାମରେ ପାଳନ କରାଯିବା ନେଇ ଆଲୋଚନା ହୋଇଥିଲା। ଜୁନ ୧୦ ତାରିଖ (ସୋମବାର) ସନ୍ଧ୍ୟାରେ ବାବା ବାଣେଶ୍ୱରଙ୍କ ନୀତିକାନ୍ତି ପରେ ସମସ୍ତ ବରଯାତ୍ରୀ ଦଳ ବାଦ୍ୟ, ମୃଦଙ୍ଗର ତାଳେତାଳେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ପୋଷ୍ଟ ଅଫିସ ଛକ ନିକଟରେ ଅବସ୍ଥିତ କୋପେଶ୍ୱର ମନ୍ଦିରରେ ପହଞ୍ଚିବେ। ଚଳିତବର୍ଷ ବରପିତା ଭାବେ ଅମିତ କୁମାର ନନ୍ଦ ଏବଂ କନ୍ୟାପିତା ଭାବେ କୃଷ୍ଣଚନ୍ଦ୍ର ତ୍ରିପାଠୀ ବାବାଙ୍କ ଆଶୀର୍ବାଦରେ କାର୍ଯ୍ୟ ତୁଲାଇବେ।

ସମୟ ନିର୍ଘଣ୍ଟ ଅନୁସାରେ ପୁରୋହିତମାନଙ୍କ ମନ୍ତ୍ରପାଠରେ ବାବା ବାଣେଶ୍ୱର ଓ ମାତା ପାର୍ବତୀଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହେବ। ପରଦିନ ସନ୍ଧ୍ୟାରେ ବାବା ବାଣେଶ୍ୱର ଏବଂ ମାତା ପାର୍ବତୀ ବରକନ୍ୟା ବେଶରେ କୋପେଶ୍ୱର ମନ୍ଦିରରୁ ବାହାରି ଶୋଭାଯାତ୍ରାରେ ସହର ପରିକ୍ରମା କରି ବାଣେଶ୍ୱର ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ। ୧୩ ତାରିଖ (ବୁଧବାର) ବାବା ବାଣେଶ୍ୱର ଓ ମାତା ପାର୍ବତୀଙ୍କ ଚତୁର୍ଥୀ କର୍ମ ମନ୍ଦିର ପ୍ରାଙ୍ଗଣରେ ସମ୍ପନ୍ନ କରାଯିବ ଏବଂ ଅପରାହ୍ନ ସାଢ଼େ ୧୨ଟାରେ ଉପସ୍ଥିତ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯିବାକୁ ସ୍ଥିର ହୋଇଛି। ବୈଠକରେ କମିଟି ସଦସ୍ୟ କୈଳାସ ଚନ୍ଦ୍ର ଦାଶ, ନିତ୍ୟାନନ୍ଦ ଦାସ, ଭୋଳାଶଙ୍କର ମିଶ୍ର, ଗୋବିନ୍ଦ ଚନ୍ଦ୍ର ସାହୁ, ଅଭିଷେକ ଜୟସ୍ୱାଲ, ପ୍ରଦୀପ କୁମାର ମହାରଣା, ମୋତିରାମ ପାତ୍ର, ଗୋପାଳ ପାତ୍ର, ଇନ୍ଦ୍ରପ୍ରସାଦ ମିଶ୍ର, କେଶବ ଚନ୍ଦ୍ର ସାହୁଙ୍କ ସମେତ ପୂଜକ ଇନ୍ଦ୍ରମଣି ଦେହୁରୀ, ମୀରାଶଙ୍କର ଦେହୁରୀ, ପିଣ୍ଟୁ ଦେହୁରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ହମିରପୁରର ସମସ୍ୟା ନେଇ ପ୍ରାର୍ଥୀଙ୍କ ସହ ଆଲୋଚନା




**ରାଉରକେଲା, ୧୯ ।୫(ସମିସ):** ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ସବୁଠାରୁ ଅବହେଳିତ ଅଞ୍ଚଳ ଭାବେ ଜଣାଶୁଣା ହମିରପୁରର ନାନା ସମସ୍ୟା ନେଇ ଏକ ଆଲୋଚନା ସଭା ତାରିଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ହମିରପୁର ଉନ୍ନୟନ ପରିଷଦ ସଭାପତି ସୁମନ ଦତ୍ତଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ଦୁର୍ଗା ତନ୍ତୀ, ବିଜେଡି ପ୍ରାର୍ଥିନୀ ଅର୍ଚ୍ଚନାରେଖା ବେହେରା ଓ କଂଗ୍ରେସ ପ୍ରାର୍ଥୀ ଗୋପାଳ ଦାସଙ୍କ ଅନୁପସ୍ଥିତି ଯୋଗୁଁ ସହଯୋଗୀ ନୀହାର ଦାସ ଓ ବିଷ୍ଣୁ ମହାନ୍ତ ଯୋଗଦେଇ ଅଞ୍ଚଳବାସୀଙ୍କ ଅଭାବ ଅଭିଯୋଗ ଶୁଣିଥିଲେ।

ହମିରପୁର ଜିଲ୍ଲାର ସର୍ବପୁରାତନ ଓ ପ୍ରଥମ ରାଜସ୍ୱ ଗ୍ରାମ ହୋଇଥିବା ବେଳେ ଏହି ଅଞ୍ଚଳରେ ପ୍ରାୟ ୨୨ ହଜାର ଜନସାଧାରଣ ବାସ କରୁଛନ୍ତି। ତେବେ ଏହି ଅଞ୍ଚଳ ପୌର ପରିଷଦ କିମ୍ବା ପଞ୍ଚାୟତରେ ସାମିଲ ହୋଇ ନ ଥିବାରୁ ଏଠାରେ ମୌଳିକ ସୁବିଧା ଠିକ୍ ଭାବେ ଉପଲବ୍ଧ ହୋଇପାରୁନାହିଁ। ରାଉରକେଲା ଇସ୍ପାତ କାରଖାନା ମଧ୍ୟ ପାର୍ଶ୍ୱାଞ୍ଚଳ ବିକାଶ ଯୋଜନାରେ ଉକ୍ତ ଅଞ୍ଚଳରେ ବିକାଶ କରୁନାହିଁ। ସ୍ୱାସ୍ଥ୍ୟସେବା, ରାସ୍ତା, ଡ୍ରେନେଜ, ବିଦ୍ୟୁତ ଓ ଜଳ ଯୋଗାଣରେ ଅନିୟମିତତା ନେଇ ସବୁବେଳେ ଅଭିଯୋଗ ହୋଇଆସୁଛି। କିଛିଦିନ ତଳେ ହମିରପୁର କଣ୍ଟ୍ରାକ୍ଟର କଲୋନୀରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଏଠାରୁ ୧୬ ନମ୍ବର ସେକ୍ଟରକୁ ସ୍ଥାନାନ୍ତର କରାଯାଇଛି। ବର୍ଷାଦିନେ ଘରେ ଘରେ ପାଣି ପଶିଯାଉଛି। ତେଣୁ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ନିଜ ସୁବିଧା ନିଜେ କଲେ ମଧ୍ୟ ପ୍ରାୟତଃ ଏହା ସରକାରଙ୍କ ଆଢୁଆଳରେ ରହିଯାଉଛି। ତେବେ ଏ ସମ୍ପର୍କରେ ଚଳିତ ନିର୍ବାଚନରେ ବିଭିନ୍ନ ଦଳର ପ୍ରାର୍ଥୀମାନଙ୍କୁ ଏହି ସବୁ ବିଷୟରେ ଅବଗତ କରାଇ ସେମାନଙ୍କ ମତ ନିଆଯାଇଥିଲା। ଏପରିକି ହମିରପୁରକୁ ବିଧାୟକ ପୋଷ୍ୟଗ୍ରାମ ରୂପେ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ପ୍ରାର୍ଥୀମାନେ ବିଜୟୀ ହେଲେ ଏସବୁ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି କହିଥିଲେ। ଏହି ଆଲୋଚନା ବେଳେ ନିରଞ୍ଜନ ଦାସ, ଡ. ଦେବେନ୍ଦ୍ର କୁମାର ବେହେରା, ମନୋଜ ସାହୁ, ବିପି ଆଚାର୍ଯ୍ୟ, ନିରଞ୍ଜନ ନାୟକ, ଶର୍ମିଳା ଦତ୍ତ, ମହେଶ୍ୱର ସାହୁ, ନଗେନ୍ଦ୍ର ପ୍ରସାଦ, ହରମନ ଲାକ୍ରା, ଦେଓନିଶ ଲାକ୍ରା, ପି ଲାକ୍ରା, ବି ସିଂ ନାୟକ, ମହେନ୍ଦ୍ର ପଣ୍ଡିତ, ସନ୍ତୋଷ ରାଜଗୁରୁ, ଅଗସ୍ତି ଦାସ, ଅଶୋକ ସାହୁ, ଗଙ୍ଗାଧର ଦାଶ, ସୁବାସ ଗୁପ୍ତା, କାହ୍ନୁଚରଣ ଲେଙ୍କା, କରୁଣାକର ବିଶ୍ୱାଳ, ନିରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୁଞ୍ଜବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# 'କ୍ଲୀନ୍ ଓ ଗ୍ରୀନ୍' ପକ୍ଷରୁ ମନ୍ଦିର ପରିସର ସଫେଇ

**ରାଉରକେଲା, ୧୯ ।୫(ସମିସ):** ରାଉରକେଲାର ଜଣାଶୁଣା ସାମାଜିକ ଅନୁଷ୍ଠାନ 'କ୍ଲୀନ ଓ ଗ୍ରୀନ' ପକ୍ଷରୁ ସେକ୍ଟର-୩ ଐରାବନ୍ଧ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। 'କ୍ଲୀନ ଓ ଗ୍ରୀନ' ତା'ର ଚତୁର୍ଥ ପ୍ରତିଷ୍ଠା ଦିବସ ପାଳନ କରିବା ପରେ ଚଳିତ ବର୍ଷର ପ୍ରଥମ ସପ୍ତାହର ରବିବାରରେ ଏହା ଥିଲା ପ୍ରଥମ ସଫେଇ କାର୍ଯ୍ୟକ୍ରମ। ସକାଳ ସାଢ଼େ ୬ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ୩୫ରୁ ଊର୍ଦ୍ଧ୍ୱ ସଦସ୍ୟ/ସଦସ୍ୟା ସାମିଲ ହୋଇଥିଲେ। ଆସନ୍ତା ରଥଯାତ୍ରା ଉପଲକ୍ଷେ ଐରାବନ୍ଧ ଜଗନ୍ନାଥ ମନ୍ଦିରର ଦକ୍ଷିଣ ଦ୍ୱାରର ସ୍ୱଚ୍ଛତା ପାଇଁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ମନ୍ଦିର ପରିସରେ ଜମା ହୋଇଥିବା କୁଢ଼ କୁଢ଼ ଆବର୍ଜନାକୁ ଅନୁଷ୍ଠାନର ସଦସ୍ୟମାନେ ସଫା କରିଥିଲେ। ଏହି ସଫେଇ କାର୍ଯ୍ୟ ପାଇଁ ଅନୁଷ୍ଠାନ ସଦସ୍ୟମାନଙ୍କୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରଶଂସା କରାଯାଇଛି। ରଥଯାତ୍ରା ପାଇଁ ଉଦ୍ଦିଷ୍ଟ ମନ୍ଦିର ବଡ଼ଦାଣ୍ଡ ମାର୍ଗର ଉଭୟ ପାର୍ଶ୍ୱକୁ ଅନୁଷ୍ଠାନ ସଦସ୍ୟମାନଙ୍କ ଦ୍ୱାରା ସଫେଇ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡା. ଦେବେନ୍ଦ୍ର ସେଠୀ, ସମ୍ପାଦକ ପ୍ରଦୀପ ଦାସ, ହିମାଂଶୁ ଶେଖର ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଦୀପ ରଥ, ପ୍ରଦୀପ ପଟ୍ଟନାୟକ, ପ୍ରଦୀପ ପାତ୍ର, ପ୍ରଦୀପ ସ୍ୱାଇଁ, ଦିଲ୍ଲୁ ମହାନ୍ତି, ମନୋଜ ନାୟକ, ସ୍ମିତା ମିଶ୍ର, ସାବିତ୍ରୀ ସାହୁ, ଜ୍ଞାନଜିତ ଦାସ, ବାବୁ ସାନ୍, ଅମିତ ରାୟ, ପୀତବାସ ସେଠୀ, ସନ୍ତୋଷ



ସାମଲ, କମଲେଶ ମିଶ୍ର, ରାଣାପ୍ରତାପ ସିଂହ, ଦୀନେଶ ସିଂହ, ରାଜକିଶୋର ସାମଲ, ଅକ୍ଷୟ ଜେନା, ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ନିର୍ବାଚନ ଅବ୍ୟବହିତ ପୂର୍ବରୁ ଯାନବାହନ ଯାଞ୍ଚ କଡ଼ାକଡ଼ି



**ରାଉରକେଲା, ୧୯ ।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲାରେ ଓଡ଼ିଶାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ଏହି କ୍ରମରେ ରାଉରକେଲାରେ ନିର୍ବାଚନ ଗାଇଡଲାଇନକୁ ନେଇ ପୁଲିସ ପ୍ରଶାସନ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରାଯାଇଛି । ବିଭିନ୍ନ ଥାନା ଅଞ୍ଚଳରେ ଯାଞ୍ଚ ଜାରି ରହିଛି । ବାଇକ, କାର ସମେତ ଅନ୍ୟ ଗାଡ଼ି ଉପରେ ତୀକ୍ଷ୍ଣ ନଜର ରଖାଯାଇ ତନ୍ନ ତନ୍ନ କରି ଯାଞ୍ଚ କରାଯାଉଛି। ବିଶେଷ କରି କାର ଯାଞ୍ଚ ଉପରେ ଫୋକସ କରାଯାଇଛି । ଅପରପକ୍ଷେ ସନ୍ଦେହ ହେଉଥିବା ଗାଡ଼ି ଚାଳକଙ୍କୁ ଅଧିକ ପଚରାଉଚରା କରାଯାଉଛି। ସହରର ଗଳି ରାସ୍ତାଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତା ଯାଏଁ ପ୍ରତ୍ୟେକ ଦିନ କିଛି ସମୟ ବ୍ୟବଧାନରେ ପୁଲିସ ଟିମ୍ ଯାଞ୍ଚ୍ କରୁଛି। ବିଳମ୍ବିତ ରାତିରେ ଯାଞ୍ଚ୍ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ଆଜି ଯାଏଁ ପୁଲିସ ବିଭିନ୍ନ ସ୍ଥାନରୁ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଥିବା ଜଣାପଡ଼ିଛି। ଏହି ସବୁ ଟଙ୍କାର ଉପଯୁକ୍ତ ପ୍ରମାଣପତ୍ର ପୁଲିସକୁ ନ ମିଳିବା ଯୋଗୁଁ ଜବତ ହୋଇଥିବା କୁହାଯାଇଛି।

## ରାଉରକେଲା, ରଘୁନାଥପାଲୀ, ବଣାଇଁ, ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ
# ମତଦାନ କେନ୍ଦ୍ରକୁ ଗଲେ ପୋଲିଂ ପାର୍ଟି





**ରାଉରକେଲା, ୧୯ ।୫(ସମିସ)**

ସୁନ୍ଦରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଉରକେଲା, ରଘୁନାଥପାଲୀ, ବଣାଇଁ ଓ ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ରବିବାର ମତଦାନ କେନ୍ଦ୍ରକୁ ଯାତ୍ରା କରିଛନ୍ତି ପୋଲିଂ ପାର୍ଟି। ରାଉରକେଲା ଓ ରଘୁନାଥପାଲୀ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପୂର୍ବାହ୍ନ ୧୧ଟା ସୁଦ୍ଧା ପୋଲିଂ ଟିମ ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନ ପରିଚାଳନା ପାଇଁ ବୁଥ୍‌କୁ ଗସ୍ତ କରିଛନ୍ତି। ରାଉରକେଲା ବିଧାନସଭା ପାଇଁ ୧୯୭ଟି ବୁଥ୍ (୩୫ଟି ସଖୀ ବୁଥ) କୁ ୧୯୭ ପ୍ରିଜାଇଡିଂ ଅଫିସରଙ୍କ ସମେତ ମୋଟ ୧୧୮୨ ପୋଲିଂ ଅଧିକାରୀ ଇଭିଏମ୍ ଓ ଭିଭିପାଟ ମେସିନ୍ ସମେତ ଆବଶ୍ୟକ ସରଞ୍ଜାମ ନେଇ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଗସ୍ତ କରିଛନ୍ତି । ସେମାନଙ୍କ ସହ ଜଣେ ଲେଖାଏଁ ସଶସ୍ତ୍ର ପୁଲିସ ଗସ୍ତ କରିଛନ୍ତି ।

ସେହିପରି ରଘୁନାଥପାଲୀ ବିଧାନସଭା ପାଇଁ ୧୯୩ ବୁଥ୍ (୩୬ ସଖୀ ବୁଥ)କୁ ୧୯୩ ପ୍ରିଜାଇଡିଂ ଅଫିସର ସମେତ ୧୧୫୮ ପୋଲିଂ ଅଧିକାରୀ ଆବଶ୍ୟକ ସରଞ୍ଜାମ ନେଇ ଗସ୍ତ କରିଛନ୍ତି। ସେମାନଙ୍କ ସହ ଜଣେ ଲେଖାଏଁ ସଶସ୍ତ୍ର ପୁଲିସ କର୍ମଚାରୀ ଯାଇଛନ୍ତି। ସୂଚନାଯୋଗ୍ୟ, ସଖୀ ବୁଥ ପାଇଁ କେବଳ ମହିଳା ପୋଲିଂ ଅଧିକାରୀ ଏବଂ ମହିଳା ପୁଲିସ କର୍ମଚାରୀ ନିର୍ବାଚନ ପରିଚାଳନା କରିବା ପାଇଁ ଗସ୍ତ କରିଛନ୍ତି। ସେହିପରି ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ରହିଥିବା ୩୦ ସଖୀ ବୁଥ୍ ପାଇଁ ୩୦ ମହିଳା ପ୍ରିଜାଇଡିଂ ଅଫିସରଙ୍କ ସମେତ ମେଟ ୧୮୦ ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସର ଗସ୍ତ କରିଛନ୍ତି। ବଣାଇଁ ବିଧାନସଭା ପାଇଁ ୩୦୯ ବୁଥ୍ (୩୧ ସଖୀ ବୁଥ)କୁ ୩୦୯ ପ୍ରିଜାଇଡିଂ ଅଫିସରଙ୍କ ସମେତ ମୋଟ ୧୮୫୪ ପୋଲିଂ ଅଧିକାରୀ ଗସ୍ତ କରିଛନ୍ତି। ସେମାନଙ୍କ ସହ ଜଣେ ଲେଖାଏଁ ସଶସ୍ତ୍ର ପୁଲିସ କର୍ମଚାରୀ ଗସ୍ତ କରିଛନ୍ତି। ସେହିପରି ରାଜଗାଙ୍ଗପୁର ବିଧାନସଭା ପାଇଁ ୨୭୪ ବୁଥ୍ (୨୮ ସଖୀ ବୁଥ)କୁ ୨୭୪ ପ୍ରିଜାଇଡିଂ ଅଫିସରଙ୍କ ସମେତ ମୋଟ ୧୪୪୪ ପୋଲିଂ ଅଧିକାରୀ ଗସ୍ତ କରିଛନ୍ତି। ସେମାନଙ୍କ ସହ ଜଣେ ଲେଖାଏଁ ସଶସ୍ତ୍ର ପୁଲିସ କର୍ମଚାରୀ ଯାଇଛନ୍ତି।

# କୁଟିଆ କନ୍ଧଙ୍କୁ ରୋଜଗାରର ରାହା ଦେଖାଇଛି ଅଣ୍ଡାଦିଆ କୁକୁଡ଼ା





**ଭବାନୀପାଟଣା, ୧୯।୫(ସମିସ)**

ନିଜର କଠିନ ପରିଶ୍ରମ, ଅଧ୍ୟବସାୟ ଓ ବଳିଷ୍ଠ ପ୍ରତିବଦ୍ଧତା ବଳରେ କୁଟିଆ କନ୍ଧମାନେ ଗୋଟିଏ ପରେ ଗୋଟିଏ ଚାଷ କରି ଜୀବନ ଜିଇଁବାର ସୂତ୍ର ଆପଣେଇଛନ୍ତି। ଆୟସ୍ତର ବୃଦ୍ଧି ଓ ଜୀବନଧାରଣ ମାନରେ ଉନ୍ନତି ଆଣିବାରେ କ୍ଷମତା ସୃଷ୍ଟି କରିପାରିଛନ୍ତି। ପୁଷ୍ଟିହୀନତା ଦୂରୀକରଣ ଓ ରୋଜଗାରକ୍ଷମ ପାଇଁ ବାଡ଼ି ଅଗଣାରେ ଅଣ୍ଡାଦିଆ କୁକୁଡ଼ା ଚାଷ ଏବେ କୁଟିଆ କନ୍ଧଙ୍କୁ ରୋଜଗାର ଦେଇପାରିଛି। ପାରମ୍ପରିକ ଜୀବନ ଜିଉଁଥିବା ଆଦିବାସୀ ମହିଳାମାନେ ବି ଛେଳି ଚାଷ କରି ଦେଖାଇ ଦେଇଛନ୍ତି ଇଚ୍ଛା ଥିଲେ ସବୁ ସମ୍ଭବ। ତେଣୁ ରାଜ୍ୟ ସରକାର ବିଶେଷକରି ଗରିବ ଅନଗ୍ରସର ବର୍ଗର ମହିଳାଙ୍କ ସ୍ୱାର୍ଥ ରକ୍ଷା ପାଇଁ ଅନେକ ଯୋଜନା ପ୍ରଣୟନ କରିଆସୁଛନ୍ତି। କଳାହାଣ୍ଡି ଜିଲ୍ଲାସ୍ଥିତ ଲାଞ୍ଜିଗଡ଼ ବ୍ଲକ ଭଳି ଉପାନ୍ତ ଅଞ୍ଚଳରେ ଆଦିବାସୀ ଜନଜାତିମାନଙ୍କର ସର୍ବାଙ୍ଗୀନ ବିକାଶ ସକାଶେ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଦୀର୍ଘ ବର୍ଷ ହେବ କାର୍ଯ୍ୟ କରି ଆସୁଛି। ସରକାରଙ୍କ ବିଭିନ୍ନ ବହୁମୁଖୀ ଯୋଜନା ମାଧ୍ୟମରେ ଦାରିଦ୍ର୍ୟର ସୀମାରେଖାରେ ବସବାସ କରୁଥିବା ଆଦିମ ଜନଜାତି ମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଛି। ଇତି ମଧ୍ୟରେ ଷ୍ଟ୍ରବେରୀ, ଲେମନ ଗ୍ରାସ୍ ଓ ଛେଳି ଚାଷ କରି ଆସୁଥିବା ବେଳେ ବର୍ତ୍ତମାନ ଅଣ୍ଡାଦିଆ କୁକୁଡା ଚାଷ ପାଇଁ ମନ ବଳାଇଛନ୍ତି କୁଟିଆ କନ୍ଧ। ଏହା ଫଳରେ କୁଟିଆ କନ୍ଧ ଜନଜାତି ବ୍ୟକ୍ତିଙ୍କର ଆର୍ଥିକ ଉନ୍ନତି ହେବା ସହ କୁଟିଆ କନ୍ଧ ଜନଜାତି ଏଥିପାଇଁ ଆଉ ଅନ୍ୟ ଗ୍ରାମ କିମ୍ବା ବାହାର ଅଞ୍ଚଳରେ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ। ସେମାନେ ଏହି କୁକୁଡ଼ା ଚାଷକୁ ଘର ଅଗଣାରେ କରିବା ସହିତ ବେଶ ଦୁଇପଇସା ମଧ୍ୟ ରୋଜଗାର କରିପାରୁଥିବାରୁ ପିଭିଟିଜିଙ୍କ ମୁହଁରେ ହସ ଫୁଟିଛି। ଏହି କ୍ରମରେ ଚଳିତ ବର୍ଷ ୪୨ ଜଣ କୁଟିଆକନ୍ଧ ଜନଜାତି ପରିବାରଙ୍କୁ ଘର ଆଗରେ କୁକୁଡ଼ା ଚାଷ କରିବା ନିମନ୍ତେ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ତରଫରୁ ଜାଲି, କୁକୁଡ଼ା, ଖାଦ୍ୟ ଏବଂ ବୈଷୟିକ ପରାମର୍ଶ ଆଦି ମାଗଣାରେ ଦିଆଯାଇ ସେମାନଙ୍କ ଆର୍ଥିକ ଉନ୍ନତି ଅଣାଯାଇ ପାରିଛି। କୁଟିଆ କନ୍ଧଙ୍କ କ୍ଷେତ୍ରରେ କୌଶଳାତ୍ମକ ବ୍ୟବସାୟିକ ବିବିଧକରଣ ଚିନ୍ତା ବାସ୍ତବିକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିବା ଅନେକ ମତ ପ୍ରକାଶ କରିଛନ୍ତି। ସଫଳ ହେବାର ଦକ୍ଷତା କେବଳ କୁଟିଆ କନ୍ଧମାନଙ୍କ ଏକାଗ୍ରତା ଏବଂ ପ୍ରଭାବଶାଳୀ ପରିଚାଳନା ହିଁ ପ୍ରମୁଖ କାରଣ ବୋଲି କୁହାଯାଇଛି। ସମସ୍ତଙ୍କ ସାମଗ୍ରିକ ପ୍ରଚେଷ୍ଟା ସତ୍ତ୍ୱେ ଏଭଳି ମହିଳାମାନଙ୍କ ଲାଗି ପୃଷ୍ଠଭୂମି ତିଆରି ପଛରେ ରାଜ୍ୟ ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସହଯୋଗ ଯୋଗାଇ ଦିଆଗଲେ କୁଟିଆ କନ୍ଧ ସମ୍ପ୍ରଦାୟର ବିକାଶ ଯେ କେବଳ ତାହା ନୁହେଁ କୁଟିଆ କନ୍ଧମାନେ ନିଜ ପରିବାର ସହିତ ଅଞ୍ଚଳର ଓ ସମାଜର ବିକାଶ ଦିଗରେ ବହୁ କଲ୍ୟାଣକାରୀ କାର୍ଯ୍ୟରେ ବ୍ରତୀ ହୋଇପାରିବେ।

# ବିଲୀନ କେସିଙ୍ଗା ନିର୍ବାଚନମଣ୍ଡଳୀ ଫେରାଇ ଆଣିବା ପାଇଁ ଅଞ୍ଚଳବାସୀ ସଜବାଜ

**● ଖୁବ୍‌ଶୀଘ୍ର ସର୍ବଦଳୀୟ ବୈଠକ ସହ ରଣନୀତି**

**କେସିଙ୍ଗା, ୧୯।୫(ସମିସ):** କଳାହାଣ୍ଡି ଜିଲ୍ଲାର ପ୍ରମୁଖ ସହର ଭାବେ କେସିଙ୍ଗା ପରିଗଣିତ। ଜିଲ୍ଲାର ଏକ ପ୍ରମୁଖ ବାଣିଜ୍ୟସ୍ଥଳ ରୂପେ ପରିଚିତ। ୨୦୦୯ ମସିହା ପୂର୍ବରୁ କେସିଙ୍ଗା ଜିଲ୍ଲାର ଏକ ପ୍ରଭାବଶାଳୀ ନିର୍ବାଚନମଣ୍ଡଳୀ ଭାବେ ପରିଚିତ ଥିଲା। କିନ୍ତୁ ୨୦୦୯ ପରେ ଏହି ନିର୍ବାଚନମଣ୍ଡଳୀକୁ ଦୁଇ ଭାଗରେ ପରିଣତ କରିଦିଆଗଲା। କିଛି ଅଞ୍ଚଳକୁ ନର୍ଲା ନିର୍ବାଚନମଣ୍ଡଳୀ ଓ ଆଉ କିଛି ଅଂଶକୁ ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ମିଶେଇ ଦିଆଗଲା। ୨୦୨୪ ନିର୍ବାଚନ ସରିଯିବାକୁ ବସିଛି। ୨୦୨୯ ପୂର୍ବରୁ କେସିଙ୍ଗା ନିର୍ବାଚନମଣ୍ଡଳୀ ଫେରି ପାଇବା ନେଇ ଅଞ୍ଚଳବାସୀ ଏବେଠୁ ସଜବାଜ ହେଉଛନ୍ତି। କୋକସରାକୁ ନିର୍ବାଚନମଣ୍ଡଳୀ କରିବା ପାଇଁ ଏକ ସର୍ଭେ ରିପୋର୍ଟ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ବେଳେ କେସିଙ୍ଗାକୁ ପୁଣି ଅଣଦେଖା କରାଯାଇଛି। କୋକସରାକୁ ନିର୍ବାଚନମଣ୍ଡଳୀ ହେଲେ କେଉଁ କେଉଁ ଅଞ୍ଚଳ ସେଥିରେ ସାମିଲ ହେବ ତାହାକୁ ନେଇ ଉକ୍ତ ସର୍ଭେ ରିପୋର୍ଟ ପ୍ରଦାନ କରାଯାଇଛି। କେସିଙ୍ଗା ନିର୍ବାଚନମଣ୍ଡଳୀ ବିଲୀନ ହୋଇ ଯାଇଥିବାରୁ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଏହି ନିର୍ବାଚନମଣ୍ଡଳୀ ଯେପରି ପୁନଃ ବାହାଲ ହେବ ସେ ନେଇ ଏକ ବଡ଼ ଧରଣର ଜନ ଆନ୍ଦୋଳନ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବା ଚର୍ଚ୍ଚା ଜୋର ଧରିଛି। ପୂର୍ବରୁ ମଧ୍ୟ ବିଭିନ୍ନ ସମୟରେ ଲୋକେ ନିର୍ବାଚନମଣ୍ଡଳୀ ଫେରାଇ ଆଣିବା ପାଇଁ ମତ ବ୍ୟକ୍ତ କରିଆସୁଥିବା ବେଳେ ଏବେ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ସଜବାଜ ହେଉଥିବା ପରିଲକ୍ଷିତ ହେଉଛି। କେସିଙ୍ଗାରେ ଖୁବ ଶୀଘ୍ର ଏକ ସର୍ବଦଳୀୟ ବୈଠକ ସହ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଆଗାମୀ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଜାଣିବାକୁ ମିଳିଛି।

# ସଡ଼କ ଦୁର୍ଘଟଣାରେ ସିଆର୍‌ପିଏଫ୍ ଯବାନଙ୍କ ମୃତ୍ୟୁ

**ନୂଆପଡ଼ା, ୧୯।୫(ସମିସ):** ନୂଆପଡ଼ା ଜିଲ୍ଲା ସିଆରପିଏଫ ୨୧୬ ବାଟାଲିୟନରେ ଇଣ୍ଟେଲିଜେନସୀ ବିଭାଗରେ କାର୍ଯ୍ୟରତ ଜଣେ ସିଆରପିଏଫ ଯବାନଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଯବାନ ଜଣକ ହେଲେ ଚୈତନ୍ୟ ଶବର (୪୦)। ତାଙ୍କ ଘର



ନୂଆପଡ଼ା ଜିଲ୍ଲା ବୋଡେନ ଥାନା ଅନ୍ତର୍ଗତ କ୍ଷୀର୍ମାଲ ଗାଁରେ। ରବିବାର ଅପରାହ୍ନରେ ଚୈତନ୍ୟ ଏକ ବାଇକ ଯୋଗେ ଖଡ଼ିଆଳରୁ ନୂଆପଡ଼ା ଅଭିମୁଖେ ଆସୁଥିବା ସମୟରେ ଜାତୀୟ ରାଜପଥ ୩୫୩ର କୋମନା ବିଜା ଖମନ ନିକଟରେ ପଛପଟୁ ଏକ ଟ୍ରକ ମାଡିଯିବାରୁ ଚକ ତଳେ ଚାପି ହୋଇ ଯାଇଥିଲେ। ତାଙ୍କର ଦୁଇଟି ଗୋଡ଼ ଭାଙ୍ଗିଯିବା ସହ ମୁଣ୍ଡରେ ଶକ୍ତ ଧକ୍କା ଲାଗିଥିଲା। ଘଟଣାସ୍ଥଳରେ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ କାର୍ତ୍ତିକ ଦୀପ ପହଁଚି ତାଙ୍କୁ ଉଦ୍ଧାର କରି ହସପିଟାଲ ନେବାର ବ୍ୟବସ୍ଥା କରିଥିଲେ। ପ୍ରଥମେ ତାଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଥିବା ବେଳେ ରାସ୍ତାରେ ମୃତ୍ୟୁ ଘଟିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହସ୍ପିଟାଲରେ ପରିବାର ଲୋକ ପହଁଚିଛନ୍ତି। ସନ୍ଧ୍ୟା ହୋଇଯିବାରୁ ଶବ ବ୍ୟବଚ୍ଛେଦ ହୋଇପାରିନାହିଁ। ଚୈତନ୍ୟ ଉପର ପିଟା ଗାଁରେ ବିବାହ କରିଥିବା ବେଳେ ତାଙ୍କର ଦୁଇ ଝିଅ ଅଛନ୍ତି। ଆଜକୁ ପନ୍ଦର ବର୍ଷ ହେବ ସେ ସିଆରପିଏଫରେ ଯୋଗ ଦେଇଥିଲେ। ଏହା ପୂର୍ବରୁ ବିଜେପୁରରେ କାମ କରୁଥିବାବେଳେ ବର୍ତ୍ତମାନ ବୋଡେନ ଥାନା ଖଡ୍ଡୁପାଣିସ୍ଥିତ ଅସ୍ଥାୟୀ କ୍ୟାମ୍ପରେ କାର୍ଯ୍ୟରତ ଥିଲେ। ହସ୍ପିଟାଲରେ ବିଭାଗୀୟ ଅଧିକାରୀମାନେ ଆସି ପହଁଚିଛନ୍ତି। ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରାଯିବ।

# ଜୁସ୍ ଦୋକାନରେ ପଶିଲା କାର୍, ବୃଦ୍ଧା ଆହତ



**କେସିଙ୍ଗା, ୧୯।୫(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ଏନ୍‌ଏଚ୍ ୨୬ ରାସ୍ତା ପାର୍ଶ୍ୱରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଗେଟ ସମ୍ମୁଖରେ ରବିବାର ଏକ କାର ଭାରସାମ୍ୟ ହରାଇ ଏକ ଜୁସ୍ ଦୋକାନକୁ ଧକ୍କା ଦେଇଛି। ଫଳରେ ଉକ୍ତ ଦୋକାନ ଭାଙ୍ଗି ଯାଇଛି। କାର ଧକ୍କାରେ ନିକଟରେ ପନିପରିବା ବିକ୍ରି କରୁଥିବା ଅଞ୍ଜୁଳା ମହାନନ୍ଦ (୬୫) ନାମ୍ନୀ ଜଣେ ବୃଦ୍ଧା ମଧ୍ୟ ଆହତ ହୋଇଛନ୍ତି। ଆଜି ପୂର୍ବାହ୍ନ ୧୧ଟା ବେଳେ ଦ୍ରୁତ ଗତିରେ ଆସୁଥିବା ଉକ୍ତ କାର ଭାରସାମ୍ୟ ହରାଇ ଜୁସ୍ ଦୋକାନ ଭିତରକୁ ପଶି ଯାଇଥିଲା। ଜୁସ୍ ଦୋକାନ ନିକଟ ରାସ୍ତାକଡ଼ରେ ସ୍ଥାନୀୟ କର୍ଲୁପଡ଼ା ଗାଆଁ ର ଅଞ୍ଜୁଳା ପନିପରିବା ବିକ୍ରି କରୁଥିବା ବେଳେ ଉକ୍ତ କାର ତାଙ୍କୁ ଧକ୍କା ଦେବାରୁ ତାଙ୍କ ଗୋଡ଼ ଓ ମୁଣ୍ଡରେ ଆଘାତ ଲାଗିଛି। ଆହତ ବୃଦ୍ଧାଙ୍କୁ ପ୍ରଥମେ କେସିଙ୍ଗା ମେଡ଼ିକାଲ ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଦୁର୍ଘଟଣା ଘଟାଇଥିବା କାରକୁ ପୁଲିସ ଜବତ କରିବା ସହ ଡ୍ରାଇଭର ସମେତ ଗାଡ଼ିରେ ବସିଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

# ନିୟମଗିରି ସୁରକ୍ଷା ସମିତି ସଭାପତିଙ୍କ ଝିଅ ବାହାଘର



**● ଆଦିବାସୀ ପରମ୍ପରା ଅନୁଯାୟୀ ସମ୍ପନ୍ନ**

**ଭବାନୀପାଟଣା, ୧୯।୫(ସମିସ):** ନିୟମଗିରି ସୁରକ୍ଷା ସମିତିର ଟାଣୁଆ ନେତା ତଥା ସଭାପତି ଦଧି ପୁସିକାଙ୍କ ଝିଅ ମିଟକି ପୁସିକାଙ୍କ ବାହାଘର ଡଙ୍ଗରିଆ ଆଦିବାସୀଙ୍କ ପରମ୍ପରା ଓ ସଂସ୍କୃତି ଅନୁଯାୟୀ ରୀତିନୀତି ପୂର୍ବକ ସମ୍ପନ୍ନ ହୋଇଛି। କଳାହାଣ୍ଡି ଓ ରାୟଗଡ଼ା ସୀମାନ୍ତ ନିୟମଗିରି ପର୍ବତର ଗାର୍ଡ଼ଲଠାରେ ଏହି ବାହାଘର ଅନୁଷ୍ଠିତ ହୋଇଛି। ଆଦିବାସୀଙ୍କ ବଞ୍ଚିବାର ଉତ୍ସ ଜଳ, ଜମି, ଡଙ୍ଗର, ଗଛକୁ ନେଇ ତାଙ୍କର ବେଜେନ୍ ଓ ଜାନୀ (ପୂଜାରୀ) ବିବାହ କରିଥିଲେ। ଆଦିବାସୀ ଯୁବକ ଯୁବତୀଙ୍କ ସୁନ୍ଦର ନାଚ ଗୀତ ମଧ୍ୟରେ ପ୍ରକୃତିଭରା ନିୟମଗିରିରେ ହସଖୁସି ଓ ଆନନ୍ଦ ମଧ୍ୟରେ ବିବାହ ସମ୍ପନ୍ନ ହୋଇଛି। ଏହି ବିବାହ ଉତ୍ସବରେ ନିୟମଗିରି ପର୍ବତରେ ବାସ କରୁଥିବା ବହୁ ଆଦିବାସୀ ଡଙ୍ଗରିଆ ଓ ଝରଣିଆ କନ୍ଧ ସମେତ ବହୁ ଆନ୍ଦୋଳନକାରୀ, ଗଣମାଧ୍ୟମ ପ୍ରତିନିଧି ସାମିଲ ହୋଇ ବିବାହର ମଜା ଉଠାଇଥିଲେ।

**● ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ୩୨ତମ ପ୍ରତିଷ୍ଠା ଦିବସ**

# ଲୋକେ ମନଭରି ଦେଖିଲେ ବୀର ବିକ୍ରମ ନାଟ୍ୟ ପ୍ରତିଯୋଗିତା

**ନୂଆପଡ଼ା, ୧୯।୫(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ୩୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିବାବେଳେ ଏହି ଅବସରରେ ବିର ବିକ୍ରମ ନାଟ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ରୂପେ ଖଡିଆଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ ଯୋଗ ଦେଇ ଶୁଭାରମ୍ଭ କରିଥିଲେ।



ଖଡିଆଳ ଏକ କଳା ସାହିତ୍ୟର ଭୂଇଁ ଅଟେ। ଏଠାକାର କଳାକାରଙ୍କ ସୁନାମ ସମଗ୍ର ଓଡ଼ିଶାରେ ରହିଥିବା ବେଳେ ନାଟ୍ୟ ପରମ୍ପରାରେ ଖଡ଼ିଆଳର ଏକ ସ୍ୱତନ୍ତ୍ର ସ୍ଥାନ ରହିଅଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଡ଼ିଆଳର ନାଟ୍ୟ ପରମ୍ପରାକୁ ନେଇ ପିଏଚଡ଼ି ଲାଭ କରିଥିବା ସୁଶାନ୍ତ ବିଶି ଯୋଗ ଦେଇ ଖଡିଆଳ ଅନୁଷ୍ଠାନ ଏବଂ ଅଞ୍ଚଳରେ ସମସ୍ତେ ଜଣେ ଜଣେ କଳାକାର ରୂପେ ନିଜର ନିଖୁଣ କଳା ପ୍ରଦର୍ଶନ କରି ପରମ୍ପରାକୁ ବଞ୍ଚିବାର ବିନ୍ଧାଣି ରୂପେ ଖଡିଆଳ ଅନୁଷ୍ଠାନ ଏକ ଜ୍ୱଳନ୍ତ ଉଦାହରଣ ବୋଲି ମତବ୍ୟକ୍ତ କରିଥଲେ। ଅନୁଷ୍ଠାନ ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ଗୌରାଙ୍ଗ ସାହୁ ମଞ୍ଚ ପରିଚାଳନା କରିଥିଲେ। ନାଟ୍ୟ ପ୍ରତିଯୋଗିତାରେ ଚକାଡୋଳା ଅନୁଷ୍ଠାନ ଚମ୍ପାର ଦୁଃଖ, ଲିଟିଲ୍ ଷ୍ଟାର, ଘର ହିଁ ଶିକ୍ଷା କା ମନ୍ଦିର, ବୁଢାପଡ଼ା ଗୁରୁକୃପା ଅନୁଷ୍ଠାନର ଅସୁର, ମାଁ ଠାକୁରାଣୀ କ୍ଲବର ବେଡି ମଞ୍ଚସ୍ଥ ହୋଇଅଛି। ଅପେକ୍ଷାରେ ଆମ ଗାଁ ନାଚ, ମଧୁବିଦ୍ୟା, ବିହା ସରଲା ବେଦୀ ମୁଁହ ପୁତଲା ଆଦି ପ୍ରଦର୍ଶିତ ହୋଇଥିଲା। ବିଳମ୍ବିତ ରାତିଯାଏଁ ସହରବାସୀ ମନଭରି ନାଟକ ଉପଭୋଗ କରିଥିଲେ।

# ଦନ୍ତା ମୃତ୍ୟୁ ଘଟଣା; ଜମି ମାଲିକ କୋର୍ଟ ଚାଲାଣ

**ମ.ରାମପୁର, ୧୯।୫(ସମିସ):** କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧିନସ୍ଥ ମ.ରାମପୁର ରେଞ୍ଜରେ ଗତ ୭ ତାରିଖରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ତେବେ ଉକ୍ତ ମାମଲାରେ ଜମି ମାଲିକଙ୍କୁ ବନ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି।



ସୂଚନା ମୁତାବକ ମ.ରାମପୁର ରେଞ୍ଜ ଅଧୀନ ଗୌଡ଼କେଲା ଗ୍ରାମ ନିକଟରେ ଧାନ ବିଲରେ ଦିନ ବେଳା ଏକ ଦନ୍ତା ହାତୀ ମରି ପଡ଼ିଥିବା ଦେଖି ଗାଁ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ମ, ରାମପୁର ରେଞ୍ଜ ଅଧିକାରୀ ତଥା ଏସିଏଫ୍ ଅସିତ୍ କୁମାର ଦାଶଙ୍କ ନେତୃତ୍ୱରେ ସଦଳବଳେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ହାତୀଟି ଧାନ ଫସଲ ଖାଇବାକୁ ଆସିଥିବା ବେଳେ ଉକ୍ତ ଜମି ମାଲିକ ଧାନ କ୍ଷେତରେ ବିଦ୍ୟୁତ୍ ସଂଯୋଗ କରିଥିବାରୁ ତା ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ଘଟିଥିବା ତଦନ୍ତରୁ ଜଣାପଡ଼ିଛି। ବନବିଭାଗ ହାତୀ ମୃତ୍ୟୁ ଘଟଣାରେ ଜମି ମାଲିକ କୃଷ୍ଣ ମହାଖୁଡ (୬୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



# ପାଟଣା କ୍ଷତ୍ରିୟ ସମାଜର ସମ୍ବିଧାନ ସଂଶୋଧନ କମିଟି ବୈଠକ

**ଖଡ଼ିଆଳ, ୧୯।୫(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ କାଶିପଲା ଗ୍ରାମ ସ୍ଥିତ ଆମ୍ବ ବଗିଚା ପରିସରରେ ବୃନ୍ଦାବନ ବାରିକଙ୍କ ତତ୍ତ୍ୱାବଧାନରେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ସମ୍ବିଧାନ ସଂଶୋଧନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ବିଜୟ ପ୍ରତାପ ସିଂ ମହାରଥାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମାଜର କୁଳପତି ଶମ୍ଭୁ କିଶୋର ଦଣ୍ଡସେନା, ମୁଖ୍ୟ ସମ୍ପାଦକ ଦିଲ୍ଲୀପ କୁମାର ନାଏକ, କମିଟିର ସମ୍ପାଦକ ଡ. ସୁଶାନ୍ତ କୁମାର ବିଶି, ସଦସ୍ୟ ଜିତେନ୍ଦ୍ର ସିଂହ ବାରିକ, କେତନ ସିଂ ବାରିକ, ନନ୍ଦଲାଲ ବାରିକ, ଅଶ୍ୱନୀ ପ୍ରଧାନୀ, ଦେବ ସିଂ ନାଏକ, ବିଦ୍ୟାଧର ବିଶି, ବୃନ୍ଦାବନ ବାରିକ, ସୁଶୀଲ କୁମାର ଚଲାନ, ପ୍ରଫୁଲ କୁମାର ଦଣ୍ଡସେନା, ମନୋଜ କୁମାର ବିଶି ଯୋଗଦାନ କରି ସମ୍ବିଧାନ ସଂଶୋଧନ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କାଶିପଲା ଗ୍ରାମର ଶତାଧିକ କ୍ଷତ୍ରିୟ ବନ୍ଧୁ ଯୋଗ ଦେଇ ସହଯୋଗ କରିଥିଲେ।

# କଳାହାଣ୍ଡିରେ ଖୋଲିନି ମଣ୍ଡି, ଦଲାଲ୍ ସକ୍ରିୟ

**ଭବାନୀପାଟଣା, ୧୯।୫(ସମିସ):** କଳାହାଣ୍ଡି ଜିଲ୍ଲାରେ ରବିଧାନ ଅମଳ ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ଏପର୍ଯ୍ୟନ୍ତ ଜିଲ୍ଲାରେ ମଣ୍ଡି ଖୋଲି ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ୩୦ ପ୍ରତିଶତ ଚାଷୀ ଧାନ ଅମଳ କରି ନିଜ ନିଜ ଖଳାରେ ରଖିଛନ୍ତି। ମେ ୨୦ ତାରିଖରୁ ବିଭିନ୍ନ ବ୍ଲକରେ ମଣ୍ଡିରୁ ଧାନକ୍ରୟ ହେବା ନେଇ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ସ୍ଥିର ହୋଇଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲ୍ଲାର କୌଣସି ସ୍ଥାନରେ ମଣ୍ଡି ଖୋଲି ନ ଥିବାରୁ ଦଲାଲମାନେ କମ ଦରରେ ଧାନ କିଣିବା ପାଇଁ ସକ୍ରିୟ ହୋଇଗଲେଣି। ପ୍ରକାଶ ଯେ ଗତ ଖରିଫ ୨୦୨୩-୨୪ରେ ଚଳିତ ଏପ୍ରିଲ ୧୧ ସୁଦ୍ଧା ଧାନ ସଂଗ୍ରହ ଲକ୍ଷ ୫୪୦୮୮୩.୪୦ ମେଟ୍ରିକ୍ ଟନ୍ ଥିବାବେଳେ ୫୧୦୩୮୪.୧୪ ମେଟ୍ରିକ୍ ଟନ୍ ସଂଗ୍ରହ ହୋଇଛି। ବର୍ତ୍ତମାନ ଜିଲ୍ଲାରେ ୫୯, ୩୬୧ ହେକ୍ଟର ଜମିରେ ରବି ଧାନ କରାଯାଇଛି। ଧାନ ସଂଗ୍ରହ ୩୦ ଲକ୍ଷ ମେଟ୍ରିକ ଟନରୁ ଅଧିକ ହେବ ବୋଲି ଆକଳନ କରାଯାଉଛି। ସାଧାରଣ ଧାନ ଏଫ୍‌ଏକ୍ୟୁ ମାନର ଏମଏସ୍‌ପି ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୧୮୩ ଟଙ୍କା ରହିଛି। ଗତ ଖରିଫ ଋତୁରେ ୬୭ଟି ଉଷୁନା ମିଲର ଓ ୧୬ଟି ଅରୁଆ ମିଲର ଧାନ ସଂଗ୍ରହରେ ଭାଗ ନେଇଥିଲେ। ବର୍ତ୍ତମାନ ୬୭ଟି ଉଷୁନା ମିଲର ରବି ଧାନ ସଂଗ୍ରହରେ ଭାଗନେବେ। ରବିଧାନ ପାଇଁ ଜିଲ୍ଲାରେ ଉଭୟ ଭବାନୀପାଟଣା ଓ ଧର୍ମଗଡ଼ ଉପଖଣ୍ଡରେ ୭୨ଟି ପେକ୍ସ, ୬୨ଟି ପିପିସି, ୨୩ଟି ମହିଳା ଏସଏଚଜି ଏଭଳି ମୋଟ୍ ୧୫୭ଟି ଧାନ ସଂଗ୍ରହ କେନ୍ଦ୍ର ମାଧ୍ୟମରେ ଚାଷୀଙ୍କଠାରୁ ଧାନ ସଂଗ୍ରହ ହେବ। ୨୦୨୩-୨୪ ରବି ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ୫୨୫୯୭ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ଧାନ ଅମଳକୁ ଦେଖି ଶୀଘ୍ର ପ୍ରଶାସନ ପକ୍ଷରୁ ମଣ୍ଡି ଖାଲିବାକୁ ଚାଷୀ ଦାବି କରିଛନ୍ତି।

# ବଜ୍ରପାତରେ ନାବାଳକ ମୃତ

**ଥୁଆମୂଳ ରାମପୁର, ୧୯।୫(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଡେଲଗୁଡା ଗ୍ରାମରେ ଶନିବାର ବଜ୍ରପାତରେ ସନ୍ତୋଷ ମାଝୀ (୧୦) ନାମକ ଜଣେ ବାଳକ ପ୍ରାଣ ହରାଇଛି। ଗତକାଲି କାଳବୈଶାଖି



ପ୍ରଭାବରେ ଘଡଘଡି, ବିଜୁଳି ସହିତ ବର୍ଷା ଓ ପବନ ହୋଇଥିଲା। ସେତେବେଳେ ସନ୍ତୋଷ ଏକ ଗଛ ତଳେ ଥିବା ସମୟରେ ବଜ୍ରପାତ ହେବାରୁ ଗୁରୁତର ଅବସ୍ଥାରେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେବାକୁ ପରାମର୍ଶ ଦେଇଥିଲେ। ଗୁରୁତର ବାଳକକୁ ଆମ୍ବୁଲାନ୍ସ ଯୋଗେ ନେଉଥିବା ବେଳେ ଜୁନାଗଡ଼ ନିକଟରେ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ଜୁନାଗଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଥୁଆମୂଳ ରାମପୁର ପୁଲିସ ଖବର ପାଇ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରାଇଛି।

**ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ପରିବାର**

# ମାନସିକ ଭିନ୍ନକ୍ଷମ ଝିଅ ସହିତ ଅସହାୟ ବୃଦ୍ଧ ଦମ୍ପତି

**ଥୁଆମୂଳ ରାମପୁର, ୧୯।୫(ସମିସ)**



ସମାଜରେ ଗରିବ ତଥା ଅସହାୟଙ୍କ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ସେଥିରୁ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ପଡୁଥିବା ଅନେକ ନଜିର ରହିଛି। ଫଳରେ ଯୋଗ୍ୟ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗୁଣପୁର ଗ୍ରାମ ପଞ୍ଚାୟତ ଅଧୀନସ୍ଥ ମଦାଙ୍ଗ ଗୁଡା ଗାଁର ବୃଦ୍ଧ ମାଦା ମାଝୀ (୮୦)ଙ୍କ ପରିବାର ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଅଛନ୍ତି। ପତ୍ନୀ ଜରି ଦେଇ (୭୫) ଓ ମାନସିକ ଭିନ୍ନକ୍ଷମ ଝିଅ କାଡମି(୫୦)ଙ୍କ ସହିତ ବହୁ କଷ୍ଟରେ ଚଳି ଆସୁଛନ୍ତି ମାଦା ମାଝୀ। ତାଙ୍କର ଦୁଇ ପୁଅ ବଡ ସାକାର (୪୫) ଏବଂ ସାନ ପୁଅ ସାମନ୍ତ(୪୦) ଉଭୟେ ବିବାହିତ। ଦୁଇ ପୁଅ ବିବାହ ପରେ ନିଜ ନିଜ ପରିବାରକୁ ନେଇ ଅଲଗା ରହୁଥିବା ବେଳେ ଏକ ଭଙ୍ଗା ଦଦରା ଚାଳ ମାଟି କୁଡିଆରେ ବସବାସ କରୁଛନ୍ତି। ସାମାଜିକ ସୁରକ୍ଷା ଯୋଜନାରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁଛି ସତ କିନ୍ତୁ ଆଧାର୍ କାର୍ଡ ଭଳି ପ୍ରମାଣପତ୍ର ଖଣ୍ଡିକ ହେଇପାରୁ ନ ଥିବା ବେଳେ ମାନସିକ ଭିନ୍ନକ୍ଷମ ଥିବା ଝିଅ କାଡମି ଏହି ଯୋଜନାରୁ ବଞ୍ଚିତ। ଏପଟେ ଏହି ଅସହାୟ ପରିବାର ଆଜକୁ ପ୍ରାୟ ଦୀର୍ଘ ୧୦ ବର୍ଷ ହେବ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ। ବୟସର ଅପରାହ୍ନରେ ପରିବାର ପ୍ରତିପୋଷଣ ପାଇଁ ବୃଦ୍ଧ ମାଦାଙ୍କ ଶରୀରରେ ଆଉ ସେଇ ବଳ ନାହିଁ। ପେଟକୁ ଦି ଓଳି ଦାନା ମୁଠାଏ ପାଇଁ ପର ଉପରେ ନିର୍ଭର କରିବାକୁ ପଡୁଛି। ହେଲେ କେଉଁ କାରଣରୁ ଏହି ଅସହାୟ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହେବାକୁ ପଡ଼ିଛି ସେ ନେଇ ସେ ସନ୍ଦୀହାନ। ଆବାସ ଗୃହ ଖଣ୍ଡିକ ମଧ୍ୟ ବୃଦ୍ଧ ମାଦା ମାଝୀଙ୍କ ପରିବାର ପାଇଁ ସ୍ୱପ୍ନ ପାଲଟିଛି। ପ୍ରଶାସନିକ ଅଧିକାରୀ ତଥା କର୍ମଚାରୀଙ୍କ ଅବହେଳା ଯୋଗୁଁ ମାଦାଙ୍କ ଭଳି ଅନେକ ଗରିବ ଅସହାୟ ପରିବାରଙ୍କ ନିକଟରେ ସରକାରଙ୍କ ବିଭିନ୍ନ ଯୋଜନା ଅପହଞ୍ଚ ହୋଇପଡ଼ିଛି। ଏହି ଅସହାୟ ପରିବାରକୁ ପୁନଃ ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ଟଙ୍କିକିଆ ଚାଉଳ ବ୍ୟବସ୍ଥା କରିବା ସହିତ ମାନସିକ ଭିନ୍ନକ୍ଷମ ଝିଅକୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରି ଭତ୍ତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଆଜି ଭୋଟଗ୍ରହଣ

# ମତଦାନ କରିବେ ୪୭୦୦୪୯ ଭୋଟର

ସୋନପୁର, ୧୯ ।୫(ସମିସ)

ସୋମବାର ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ସୁବର୍ଣ୍ଣପୁର ଜିଲ୍ଲାର ବଲାଙ୍ଗିର ସଂସଦୀୟ କ୍ଷେତ୍ର, ସୋନପୁର ବିଧାନସଭା ଏବଂ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭୋଟ ଗ୍ରହଣ ହେବ। ମତଦାନ ପାଇଁ ମତଦାନ କେନ୍ଦ୍ରରେ ସମସ୍ତ ପ୍ରସ୍ତୁତି ସରି ଯାଇଛି। ରବିବାର ସମସ୍ତ ମତଦାନ କେନ୍ଦ୍ରରେ ନିୟୋଜିତ କର୍ମଚାରୀମାନେ ପହଞ୍ଚି ସାରିଛନ୍ତି। ରବିବାର ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ଓ ବୀରମହାରାଜପୁରର ପୋଲିଂ ପାର୍ଟିଗୁଡିକୁ ବୁଥକୁ ପଠାଯାଉଛି। ଜିଲ୍ଲାର ମୋଟ ୫୮୬ଟି ଭୋଟ ଗ୍ରହଣ କେନ୍ଦ୍ର ପାଇଁ ୩ ହଜାର ୫୧୬ ଜଣ ପୋଲିଂ ଅଧିକାରୀ ନିଯୁକ୍ତ ହୋଇଥିବାବେଳେ ୬୪ ଜଣ ସେକ୍ଟର ଅଧିକାରୀ ନିୟୋଜିତ ଅଛନ୍ତି। ଚଳିତ ନିର୍ବାଚନରେ ଜିଲ୍ଲାର ୪ ଲକ୍ଷ ୭୦ହଜାର ୪୯ ଜଣ ଭୋଟର ନିଜ ନିଜର ମତ ସାବ୍ୟସ୍ତ କରିବେ। ଏଥିପାଇଁ ଉଭୟ ସୋନପୁର ମହାବିଦ୍ୟାଳୟ ଏବଂ ବୀରମହାରାଜପୁର ମହାବିଦ୍ୟାଳୟ ପରିସରରୁ ନିର୍ବାଚନ ପରିଚାଳନାରେ ନିୟୋଜିତ ପୋଲିଂ ପାର୍ଟିଗୁଡିକ ଇଭିଏମ, ଭିଭିପାଟ ଓ ଆନୁସଙ୍ଗିକ ସାମଗ୍ରୀ ଧରି ବୁଥ ଅଭିମୁଖେ ଯାଉଛନ୍ତି। ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇ ଆମେ ଖୁବ ଖୁସି ବୋଲି ନିଯୁକ୍ତ କର୍ମଚାରୀ ମାନେ କହିଛନ୍ତି। ତେବେ ମହିଳା ପୋଲିଂ କର୍ମଚାରୀମାନେ ଅଧିକ ଉତ୍ସାହିତ ଥିବା ଜଣାପଡ଼ିଥିଲା।

ଅବାଧ, ନିରପେକ୍ଷ ଏବଂ ଭୋଟହାରକୁ ବୃଦ୍ଧି ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ତରଫରୁ ସବୁ ପ୍ରକାର ବ୍ୟବସ୍ଥା ହୋଇଛି ବୋଲି ଜିଲ୍ଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧୀକ୍ଷକ ଯଶ୍ ପ୍ରତାପ ଶ୍ରୀମଲ କହିଛନ୍ତି। ଆଜି ସକାଳ ୭ ଘଣ୍ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ ଚଳିବ। ଚଳିତ ନିର୍ବାଚନରେ ବୀରମହାରାଜପୁର ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ସୋନପୁର ନିର୍ବାଚନ ମଣ୍ଡଳୀରେ ୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଓ ଏଥିପାଇଁ ସର୍ବମୋଟ ୩୫୧୬ ଜଣ ପୋଲିଂ ଅଫିସର ଏବଂ ସ୍ଥିତି ଅନୁଧ୍ୟାନପାଇଁ ୬୪ ଜଣ ସେକ୍ଟର ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ସୋନପୁର ନିର୍ବାଚନ ଜିଲ୍ଲାର ବୀରମହାରାଜପୁର ନିର୍ବାଚନମଣ୍ଡଳୀରେ ୨୬୭ଟି ଏବଂ ସୋନପୁର ନିର୍ବାଚନ ମଣ୍ଡଳୀରେ ୩୧୯ଟି, ଏଭଳି ସର୍ବମୋଟ ୫୮୬ଟି ମତଦାନ କେନ୍ଦ୍ରରେ ମତ ଗ୍ରହଣ କରାଯିବ ଓ ଏଥିରୁ ୯୦ ଟି ବୁଥ୍ ସମ୍ବେଦନଶୀଳ ଏବଂ ୩୦ଟି ବୁଥ୍ ଅତି ସମ୍ବେଦନଶୀଳ ହିସାବରେ ଚିହ୍ନଟ କରାଯାଇଛି ଓ ଏମାନଙ୍କ ମଧ୍ୟରୁ ସଖୀବୁଥ୍ ୧୩ଟି, ଯୁବ ଅଫିସରମାନଙ୍କ ଦ୍ୱାରା ପରିଚାଳିତ ବୁଥ୍ ୧୦ ଟି, ଦିବ୍ୟାଙ୍ଗ ଅଫିସରଙ୍କ ଦ୍ୱାରା ପରିଚାଳିତ ବୁଥ ଗୋଟିଏ, ପରିବେଶ ଅନୁକୂଳ ବୁଥ୍ ୧୦ ଟି, ଏଥିନିକ ଥିମ୍ ବେଶ୍ ବୁଥ୍ ୬ ଟି ଏବଂ ଅନ୍ୟାନ୍ୟ ଥିମ୍ ବେଶ୍ ବୁଥ୍ ୪ ଟି ରହିଛି ଓ ଜିଲ୍ଲାର ସମଗ୍ର ୬ଟି ବ୍ଲକ, ଗୋଟିଏ ମ୍ୟୁନିସିପାଲିଟି, ଦୁଇଟି ଏନ୍ଏସିରେ ମୋଟ ୪୭୦୦୪୯ ଜଣ ମତଦାତା ରହିଛନ୍ତି। ସେଥିରୁ ପୁରୁଷ ଭୋଟର ୨୪୩୪୩୪ ଜଣ ଥିବାବେଳେ ମହିଳା ଭୋଟର ୨୨୬୬୦୦ ଜଣ ଏବଂ ତୃତୀୟ ଲିଙ୍ଗର୧୫ ଜଣ ରହିଛନ୍ତି। ଜିଲ୍ଲାରେ ବରିଷ୍ଠ ନାଗରିକ ଭୋଟର ସଂଖ୍ୟା ୪୦୩୩, ଯୁବ ଭୋଟର ୧୨୦୨୨, ଏବଂ ଦିବ୍ୟାଙ୍ଗ ଭୋଟର ୩୫୨୦ ଜଣ ଅଛନ୍ତି। ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୧୫୩୫୩ ମତଦାତା ରହିଥିବାବେଳେ ପୁରୁଷ ଭୋଟର ୧୧୧୯୯୪, ମହିଳା ଭୋଟର ୧୦୩୩୫୬, ତୃତୀୟ ଲିଙ୍ଗ ୦୩ ଜଣ ଅଛନ୍ତି। ବରିଷ୍ଠ ନାଗରିକ ୧୮୦୦ ଜଣ, ଯୁବ ଭୋଟର ୫୧୮୬ ଓ ଦିବ୍ୟାଙ୍ଗ ମତଦାତା ସଂଖ୍ୟା ୧୩୦୯ ଜଣ ରହିଛନ୍ତି। ସେହିପରି ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ଭୋଟର ସଂଖ୍ୟା ୨୫୪୬୯୬, ତନ୍ମଧ୍ୟରେ ପୁରୁଷଭୋଟର ୧୩୧୪୪୦, ମହିଳା ଭୋଟର ୧୨୩୨୪୪, ତୃତୀୟ ଲିଙ୍ଗ ୧୨ ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ଭୋଟର ୨୨୩୩, ଯୁବ ମତଦାତା ସଂଖ୍ୟା ୬୮୩୬ ଓ ଦିବ୍ୟାଙ୍ଗ ଭୋଟର ସଂଖ୍ୟା ୨୨୧୧ ରହିଥିବା ସୂଚନା ରହିଛି।







## ସୋନପୁର ସହରରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ସୋନପୁର:** ଚଳିତ ସାଧାରଣ ନିର୍ବାଚନ ପାଇଁ ଆଜି ଜିଲ୍ଲାରେ ମତଦାନ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ରବିବାର ଅପରାହ୍ନରେ ସୋନପୁର ସହରରେ ପୁଲିସର ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲା ପୁଲିସ୍ ସହ ମିଳିତ ଭାବେ ଏକ କମ୍ପାନୀ ସିଆରପିଏଫ ଫୋର୍ସ ଦ୍ୱାରା ସାରା ସହରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ସୁବର୍ଣ୍ଣପୁର ଏସ୍‌ପି ଯଶ ପ୍ରତାପ ଶ୍ରୀମାଲଙ୍କ ନେତୃତ୍ୱରେ ସହରରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଏସଡିପିଓ ପ୍ରତାପ କୁମାର ତ୍ରିପାଠୀ ଏବଂ ସୋନପୁର ଥାନା ଆଇଆଇସି ଲୋକନାଥ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଆରପିଏଫ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏବଂ ଜିଲ୍ଲା ପୁଲିସ୍ ବହୁ ଅଧିକାରୀ ଫ୍ଲାଗ୍ ମାର୍ଚ୍ଚରେ ସାମିଲ ଥିଲେ। ନିର୍ବାଚନ ସମୟରେ ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ସଧାରଣ ଜନତାଙ୍କ ଧନ ଜୀବନ ସୁରକ୍ଷା ପାଇଁ ଏହା ଅନୁଷ୍ଠିତ ହୋଇଛି। ଲୋକସଭା ଓ ବିଧାନସଭା ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା ନିମନ୍ତେ ଜିଲ୍ଲା ପୁଲିସ୍ ତତ୍ପରତା ପ୍ରକାଶ କରିଛି।



## ଜିଲ୍ଲାର ୪୦ଟି ସଖୀ ବୁଥ୍‌କୁ ଗଲେ ମହିଳା ପୋଲିଂ ଦଳ



**ବୌଦ୍ଧ, ୧୯।୫(ସମିସ):** ବୌଦ୍ଧ ପଞ୍ଚାୟତ କଲେଜ ପରିସରରେ ଥିବା ଇଭିଏମ ଓ ଭିଭିପାଟ ବଣ୍ଟନ କେନ୍ଦ୍ରରୁ ଜିଲ୍ଲାର ୪୦ଟି ସଖୀ ବୁଥକୁ ମହିଳା ପୋଲିଂ ପାର୍ଟି ଗୁଡିକୁ ରବିବାର ପ୍ରେରଣ କରାଯାଇଛି। କଣ୍ଟାମାଳ ନିର୍ବାଚନମଣ୍ଡଳୀର ୯ ଗୋଟି ବୁଥକୁ ସଖୀ ବୁଥ କରାଯାଇଥିବା ବେଳେ ବୌଦ୍ଧ ନିର୍ବାଚନମଣ୍ଡଳୀରେ ୩୧ଟି ସଖୀ ବୁଥ କରାଯାଇଛି। ଜିଲ୍ଲାପାଳ ଜେ ସୋନାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ଏ ସମସ୍ତ ୪୦ଟି ସଖୀ ବୁଥ ମାନଙ୍କରେ ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀଙ୍କ ସମେତ ସୁରକ୍ଷା କର୍ମଚାରୀ ଓ ବିଭିନ୍ନ ପ୍ରାର୍ଥୀଙ୍କ ଏଜେଣ୍ଟ ଭାବେ କେବଳ ମହିଳାମାନେ ରହିବେ ବୋଲି ସୂଚନା ମିଳିଛି।

## ବାଉଁଶୁଣୀରେ ପୁଲିସ ଓ ସିଆରପିଏଫ୍ ଯବାନଙ୍କ ଫ୍ଲାଗ୍‌ମାର୍ଚ୍ଚ

**ବାଉଁଶୁଣି, ୧୯।୫(ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ଅଞ୍ଚଳର ବିଭିନ୍ନ ସମ୍ବେଦନଶୀଳ ଗ୍ରାମରେ ରବିବାର ପୁଲିସ ଓ ସିଆରପିଏଫ ଯବାନଙ୍କ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ବାଉଁଶୁଣି ଥାନା ଅଧିକାରୀ ଅଞ୍ଜଳୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଫ୍ଲାଗ୍‌ମାର୍ଚ୍ଚ ପ୍ରଥମେ ବାଉଁଶୁଣୀ ମାର୍କେଟ ଓ ଛକ ଦେଇ ଜାତୀୟ ରାଜପଥରେ ପରିକ୍ରମା କରିଥିଲା।

ଆସନ୍ତାକାଲି ସୋମବାର ବାଉଁଶୁଣୀ ଅଞ୍ଚଳରେ ଭୋଟ୍ ଗ୍ରହଣ ହେବାକୁ ଥିବା ବେଳେ ବିଭିନ୍ନ ମତଦାନ କେନ୍ଦ୍ରରେ ପୋଲିଂ ପାର୍ଟି ପହଞ୍ଚି ସାରିଥିବା ବେଳେ ନିର୍ଭୟ ମତଦାନ ପାଇଁ ଭୋଟରଙ୍କୁ ସୁରକ୍ଷା ଯୋଗାଇବାରେ ପୁଲିସର ଉପସ୍ଥିତି ପାଇଁ ସଶସ୍ତ୍ର ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ବାଉଁଶୁଣୀ ସମେତ ଗୋଛାପଡ଼ା, ବହିରା, ଅଁଳାପାଲି, ତାଳସରଡା, ମୁଣ୍ଡିପଦର ଆଦି ବିଭିନ୍ନ ସମ୍ବେଦନଶୀଳ ଗ୍ରାମରେ ସ୍ୱଚ୍ଛ ଓ ନିର୍ଭୟରେ ମତଦାନ ପାଇଁ ସଚେତନ କରାଯାଉଛି।



## ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପାଇଁ ପୁଲିସର ଫ୍ଲାଗମାର୍ଚ୍ଚ

**ତରଭା, ୧୯।୫(ସମିସ):** ୨୦ ତାରିଖରେ ବଲାଙ୍ଗିର ଲୋକସଭା ଓ ସୋନପୁର ବିଧାନସଭା ପାଇଁ ଭୋଟଗ୍ରହଣ ହେବ। ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ପାଇଁ ତରଭା ଏନ୍ଏସି ଓ ମେଣ୍ଡା ଫାଣ୍ଡି ଅଞ୍ଚଳରେ ଶନିବାର ତରଭା ପୁଲିସ ଓ ସିଆରପିଏଫ୍ ଯବାନଙ୍କ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ବ୍ଲକ ଅଞ୍ଚଳରେ ଥିବା ୧୦ଟି ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ପୁଲିସର ୭ଟି ମୋବାଇଲ ପାର୍ଟି ପାଟ୍ରୋଲିଂ କରୁଥିବା ଆଇଆଇସି ଅନିତା କିଡୋ ସୂଚନା ଦେଇଛନ୍ତି।



## ● ବୌଦ୍ଧ ଓ କଣ୍ଟାମାଳ ନିର୍ବାଚନମଣ୍ଡଳୀ

### ବୌଦ୍ଧ ଜିଲ୍ଲାରେ ୧୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୩୩୫୪୮୮ ଭୋଟର

ବୌଦ୍ଧ, ୧୯।୫(ସମିସ): ବୌଦ୍ଧ ଜିଲ୍ଲାରେ ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ ୮୫ କଣ୍ଟାମାଳ ଏବଂ ୮୬ ବୌଦ୍ଧ ବିଧାନସଭା ସହିତ ୧୩ କନ୍ଧମାଳ ଲୋକସଭା ଆସନ ପାଇଁ ଆଜି ମତଦାନ ଅନୁଷ୍ଠିତ ହେବ। ଜିଲ୍ଲାର ଉଭୟ ବିଧାନସଭା କ୍ଷେତ୍ରର ୧୨ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୩୩୫୪୮୮ ଭୋଟର। ସେଥିମଧ୍ୟରୁ ବୌଦ୍ଧ ନିର୍ବାଚନମଣ୍ଡଳୀରେ ୧୬୬୪୬୧ ଭୋଟରଙ୍କ ମଧ୍ୟରୁ ୮୫୫୦୯ ପୁରୁଷ ଭୋଟର, ୮୦୯୪୪ ମହିଳା ଭୋଟର ଓ ୮ ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ସେମାନେ ୬ ବିଧାନସଭା ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ସେହିପରି କଣ୍ଟାମାଳ ନିର୍ବାଚନମଣ୍ଡଳୀରେ ୧୬୯୦୨୭ ଭୋଟର ରହିଥିବା ବେଳେ ୮୬୫୨୨ ପୁରୁଷ ଭୋଟର, ୮୨୫୦୪ ମହିଳା ଭୋଟର ଓ ୧ ଜଣ ତୃତୀୟ ଲିଙ୍ଗୀ ଭୋଟର ୬ ଜଣ ବିଧାନସଭା ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଭୋଟଗ୍ରହଣ କାର୍ଯ୍ୟ ପରିଚାଳନାରେ ନିୟୋଜିତ କର୍ମଚାରୀମାନେ ଆବଶ୍ୟକ ସାମଗ୍ରୀ ନେଇ ମତଦାନ କେନ୍ଦ୍ରକୁ ୧୮ ତାରିଖରୁ ଯାଇ ସାରିଛନ୍ତି। ଭୋଟଦାନ ନିମନ୍ତେ ଜିଲ୍ଲାରେ ସମୁଦାୟ ୪୧୧ ଗୋଟି ମତଦାନ କେନ୍ଦ୍ର ହୋଇଥିବା ବେଳେ ବୌଦ୍ଧ ନିର୍ବାଚନମଣ୍ଡଳୀ ପାଇଁ ୧୯୪ ଓ କଣ୍ଟାମାଳ ନିର୍ବାଚନମଣ୍ଡଳୀ ପାଇଁ ୨୧୭ ଗୋଟି ମତଦାନ କେନ୍ଦ୍ର କରାଯାଇଅଛି। ଏହାବ୍ୟତୀତ ବୌଦ୍ଧ ଏନଏସିରେ ଅଧିକ ୧୫୦୦ରୁ ଅଧିକ ଭୋଟର ଥିବା ୨ ଟି ବୁଥ ପାଇଁ ଅତିରିକ୍ତ ଭାବେ ସହକାରୀ ବୁଥ କରାଯାଇଛି। ଜିଲ୍ଲାରେ ୫୦ଟି ବୁଥକୁ ଆଦର୍ଶ ମତଦାନ କେନ୍ଦ୍ର ରୂପେ ପ୍ରସ୍ତୁତ କରାଯାଇଛି। ୪୦ଟି ସଖୀ ମତଦାନ କେନ୍ଦ୍ର ରହିଛି ଯାହାକୁ କେବଳ ମହିଳାମାନେ ପରିଚାଳନା କରିବେ। ସେହିପରି ୪ଟି ଯୁବ ମତଦାନ କେନ୍ଦ୍ର, ଗୋଟିଏ ଭିନ୍ନକ୍ଷମ ମତଦାନ କେନ୍ଦ୍ର ରୂପେ ପ୍ରସ୍ତୁତ କରାଯାଇଛି। ଜିଲ୍ଲାରେ ଚଳିତ ନିର୍ବାଚନରେ ପ୍ରଥମ ଥର ପାଇଁ ୨ଟି ମତଦାନ କେନ୍ଦ୍ରକୁ ଇକୋ ଫ୍ରେଣ୍ଡଲି ଓ ୨ଟି ମତଦାନ କେନ୍ଦ୍ରକୁ ଏଥିନିକ ଥିମ ଅର୍ଥାତ ସାଂସ୍କୃତିକ ବୈଭବ ପ୍ରତୀକ ଭାବେ ପ୍ରସ୍ତୁତ କରାଯାଇଛି। ୧୮ ମଇରେ ପୁରୁଷ କର୍ମଚାରୀମାନଙ୍କୁ ବୁଥମାନଙ୍କୁ ପଠାଯାଇଥିବା ବେଳେ ୧୯ ତାରିଖରେ ପିଙ୍କ ବୁଥ ବା ସଖୀ ବୁଥ ମାନଙ୍କୁ ମହିଳାମାନଙ୍କୁ ପଠାଯାଇଛି। ନିର୍ବାଚନ କାର୍ଯ୍ୟରେ ୪୧୩ ଜଣ ପ୍ରିଜାଇଡିଂ ଅଫିସର, ୪୧୩ ପୁଲିଂ ଅଫିସରଙ୍କ ସମେତ ପ୍ରତ୍ୟେକ ବୁଥରେ ୭ ଜଣ ଲେଖାଏଁ କର୍ମଚାରୀ ସମୁଦାୟ ୨୮୯୧ ଜଣ କର୍ମଚାରୀ ନିୟୋଜିତ କରାଯାଇଛି। ମାଇକ୍ରୋ ଅବଜରଭର ଭାବରେ ୨୯ ଜଣ ଅଧିକାରୀ ଓ ୫୯ ଜଣ ସେକ୍ଟର ଅଫିସରଙ୍କୁ ମାଜିଷ୍ଟ୍ରେଟ କ୍ଷମତା ପ୍ରଦାନ କରାଯାଇଛି। ଦେଶର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ୨୪୭ ଗୋଟି ବୁଥରେ ୱେବକାଷ୍ଟିଂ ପାଇଁ ପ୍ରସ୍ତୁତ କରାଯାଇଛି। ଭିନ୍ନକ୍ଷମ ଭୋଟରମାନଙ୍କ ସହାୟତା ପାଇଁ ୨୭୭ ଜଣ ସ୍ୱେଚ୍ଛାସେବୀ ମୁତୟନ କରାଯାଇଛି। ସୋମବାର ସକାଳ ୭ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହେବାକୁ ଥିବାବେଳେ ଜିଲ୍ଲାର ସମସ୍ତ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଜେ. ସୋନାଲ ନିବେଦନ କରିଛନ୍ତି।




## ନେଦେନ ଜଙ୍ଗଲରୁ ୧୯୦ କେଜି ଗଞ୍ଜେଇ ଜବତ

**ବୌଦ୍ଧ, ୧୯।୫(ସମିସ):** ବୌଦ୍ଧ ଅବକାରୀ ଥାନା ପକ୍ଷରୁ ବୌଦ୍ଧ ଥାନା ଅନ୍ତର୍ଗତ ନେଦେନ ଜଙ୍ଗଲରୁ ୧୯୦ କେଜି ଗଞ୍ଜେଇ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ନେଦେନ ଗ୍ରାମ ଜଙ୍ଗଲ ନିକଟରେ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୌଦ୍ଧ ଅବକାରୀ ଥାନା ଅଧିକାରୀ ଅନୀତା ସାହୁଙ୍କ ନେତୃତ୍ୱରେ ଚଢାଉ କରାଯାଇଛି। ସେଠାରେ ଥିବା ୧୯୦ କେଜି ଗଞ୍ଜେଇ ଜବତ କରି କେସ ନଂ ୨୫/୨୪-୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି। ତେବେ ଉକ୍ତ ଗଞ୍ଜେଇ ଜବତ ମାମଲାରେ କାହାରିକୁ ଗିରଫ କରା ଯାଇ ନ ଥିବା ଅବକାରୀ ଥାନା ପକ୍ଷରୁ ସୁଚନା ମିଳିଛି।



## ପାଇପ୍‌ଲାଇନ୍ ଫାଟି ରାସ୍ତାରେ ବୋହୁଛି ପାଣି



**ତରଭା, ୧୯।୫(ସମିସ):** ତରଭା ବ୍ଲକ ଚାରଭଟ୍ଟା ଡାକ୍ତରଖାନା ରାସ୍ତାରେ ପାଣି ପାଇପ ଫାଟି ଯାଇଥିବାରୁ ପାଣିର ଅପଚୟ ସହ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ଡାକ୍ତରଖାନା, ସ୍କୁଲ, କଲେଜ ସବୁ ରହିଛି। ପ୍ରାୟ ୧ମାସ ହେଲା ପାଇପ ଫାଟି ପାଣି ରାସ୍ତା ଉପରେ ଚାଲିଥିବାରୁ ଗମନାଗମନ ସମୟରେ ଜନସାଧାରଣ ଖୁବ ଅସୁବିଧା ଭୋଗ କରୁଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ସାହୁଙ୍କୁ ଯୋଗାଯୋଗ କରିବାରୁ ମେନ୍‌ଲାଇନରୁ ଘୋରେଇ କନେକ୍ସନ ପାଇଁ ଯାଇଥିବା ଜିଆଇ ପାଇପ ଉପରେ ଟ୍ରାକ୍ଟର ଚଢ଼ିଯିବାରୁ ଫାଟି ଯାଇଛି। ଆସନ୍ତା ୭ଦିନ ମଧ୍ୟରେ ଠିକ ହେବ ବୋଲି କହିଛନ୍ତି।

## ଲଟାବୁଦାରେ ଲୁଚିଗଲାଣି ମିଶନ ଶକ୍ତି ଗୃହ

### ୨ ବର୍ଷ ହେଲା ଖତ ଖାଉଛି କୋଠା

ଜହ୍ନାପଙ୍କ, ୧୯।୫(ସମିସ)

ରାଜ୍ୟ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମହିଳା ସଶକ୍ତିକରଣ ନାମରେ ବିଭିନ୍ନ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ବିନା ସୁଧରେ ଅର୍ଥ ଯୋଗାଇ ଦେଉଛନ୍ତି। କେତୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ମହାସଂଘ ଗଠନ ହୋଇଛି। ଏହି ମହାସଂଘର ବିଭିନ୍ନ ସଭା, ସମିତି ପାଇଁ ପଞ୍ଚାୟତ ପକ୍ଷରୁ ଏକ କୋଠରୀ ଯୋଗାଇ ଦିଆଯାଇଛି। ତେବେ ଏହି ମହିଳା ଗୋଷ୍ଠୀ କିପରି ଏକତ୍ରିତ ହୋଇ ନିଜର ଭାବ ବିନିମୟ କରିବା ସହିତ ବିଭିନ୍ନ ଯୋଜନା ସମ୍ପର୍କରେ ଜାଣିବା ପାଇଁ ମାସକୁ ଥରେ ପଞ୍ଚାୟତରେ ମାସିକ ବୈଠକ ହୋଇଥାଏ। ମାସିକ ବୈଠକ ପାଇଁ ପ୍ରତି ପଞ୍ଚାୟତ ପକ୍ଷରୁ ଗୋଟିଏ ଘର ଯୋଗାଇ ଦିଆଯାଇଛି। ତେବେ ପଞ୍ଚାୟତକୁ ବିଭିନ୍ନ ସମୟରେ ରାସନ ସାମଗ୍ରୀ, ଭତ୍ତା ଓ ବିଭିନ୍ନ କାର୍ଯ୍ୟ ନେଇ ଲୋକ ଆସୁଥିବାରୁ ମହିଳାମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି ହେବାରୁ ରାଜ୍ୟ ସରକାର ଉପଲବ୍ଧକରି ପ୍ରତି ପଞ୍ଚାୟତ ପରିସରରେ ମିଶନ ଶକ୍ତି ପାଇଁ ଏକ ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ ସଦର ଗାଁରେ ଏକ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଛି। ତେବେ ପଞ୍ଚାୟତ ପରିସରରେ ସ୍ଥାନ ଅଭାବରୁ ଏହା ଛକ ନିକଟରେ ନିର୍ମାଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ଗୃହକୁ ବିଦ୍ୟୁତ ସଂଯୋଗ ହୋଇନାହିଁ। ଏହି ଘର ବ୍ୟବହାର ହେଉ ନ ଥିବାରୁ ଏହାର ଚାରିପାଖ ଲଟାବୁଦାରେ ଲୁଚି ଗଲାଣି। ବେଳେବେଳେ ଏଠାରେ ଭୋଜିଭାତର ଆସର ଜମୁଛି। ଏହି ଗୃହକୁ ବିଦ୍ୟୁତ ସଂଯୋଗ ହୋଇ ନ ଥିବାରୁ ଏହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ତେବେ କେବେ ବିଦ୍ୟୁତ ସଂଯୋଗ ହେବ ଏବଂ ମହିଳାମାନଙ୍କ କାର୍ଯ୍ୟରେ ଲାଗିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ମହିଳାମାନେ ବର୍ତ୍ତମାନ ମଧ୍ୟ ପଞ୍ଚାୟତ ପରିସରରେ ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ଦେଖିବାକୁ ମିଳୁଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦାବି କରିଛନ୍ତି।



# ଚାଉଳ ସଂଗ୍ରହରେ ବିଳମ୍ବ କରୁଛି କେନ୍ଦ୍ରୀୟ ସଂସ୍ଥା ଏଫ୍‌ସିଆଇ

**ସମ୍ବଲପୁର, ୧୯।୫(ସମିସ)**

ଏବେ ସାଧାରଣ ନିର୍ବାଚନ ଚାଲିଥିବା ବେଳେ ବିଜେପି ଚାଷୀଙ୍କ ପାଇଁ ଦରଦ ଦେଖାଉଛି। ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବ, ଚାଷୀଙ୍କ ବୀମା ଓ ଅନ୍ୟାନ ପ୍ରୋତ୍ସାହନ ଦେଉଥିବା ଭଳି ଘୋଷଣା କରି ପମ୍ପା ଭାଷଣ ବାଜି କରୁଛନ୍ତି। ଚାଷୀଙ୍କ ଭୋଟକୁ ହାତେଇବା ପାଇଁ ପ୍ରାଣପଣେ ଉଦ୍ୟମ କରୁଛନ୍ତି। ହେଲେ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣରେ ଥିବା ଏଫସିଆଇ ପରୋକ୍ଷ ଭାବେ ଚାଷୀମାରଣ ନୀତି

## ପ୍ରତି ମାସର ଲକ୍ଷ୍ୟ ହେଉନି ପୂରଣ

କରୁଛି। ସମଗ୍ର ରାଜ୍ୟରେ ଧାନ ଉଠାଣରେ ଏଫସିଆଇ ବିଳମ୍ବ କରୁଥିବା ବେଳେ ସମ୍ବଲପୁର ଜିଲ୍ଲାରେ ସ୍ଥିତି ଉଦ୍‌ବେଗଜନକ ରହିଛି। ଏବେ ରବି ପାଇଁ ଧାନ ସଂଗ୍ରହ ଆରମ୍ଭ ହୋଇଛି। ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ଖରିଫ ଚାଉଳ ସଂଗ୍ରହ କରିପାରିନାହିଁ। ଧାର୍ଯ୍ୟଲକ୍ଷଠାରୁ ଆହୁରି ୬୫ ପ୍ରତିଶତ ବଳକା ଚାଉଳ ଏଫସିଆଇ ସଂଗ୍ରହ କରି ପାରିନାହିଁ। ଫଳରେ ମିଲ୍ ଗୁଡିକରେ ମଧ ଚାଉଳ ମିଲିଂ ନ ହୋଇ ଧାନ ପଡ଼ି ରହିଛି। ପ୍ରତି ମାସରେ ଚାଉଳ ଉଠାଇବା ପାଇଁ ଟାର୍ଗେଟ ଦେଇଥାଏ। ହେଲେ ଟାର୍ଗେଟ ପୂରଣ ହେଉନାହିଁ। ଚଳିତ ମାସରେ କେବଳ ୪ ଲକ୍ଷ କ୍ୟୁଣ୍ଟାଲ ଚାଉଳ ନେବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ ପାଖାପାଖି ୧ ଲକ୍ଷ ୨୦ ହଜାର କ୍ୟୁଣ୍ଟାଲ ଚାଉଳ ସଂଗ୍ରହ କରାଯାଇଛି। ରାଜ୍ୟ ସରକାର ଆବଶ୍ୟକ ଚାଉଳ ରଖି ବକେୟା ଚାଉଳ ଏଫସିଆଇ ସଂଗ୍ରହ



କରିଥାଏ। ହେଲେ ଗୋଦାମ ଗୃହ ଓ ଅନ୍ୟାନ୍ୟ ସମସ୍ୟା ଦର୍ଶାଇ ଏଫସିଆଇ ଚାଉଳ ନେବାରେ ବିଳମ୍ବ କରୁଥିବା ଅଭିଯୋଗ ହେଉଛି। ମିଲର୍ସଙ୍କ ଉପରେ ୧୩ ଲକ୍ଷରୁ ଉର୍ଦ୍ଧ୍ୱ କ୍ୟୁଣ୍ଟାଲ ଚାଉଳ ବକେୟା ପଡ଼ିଛି। ରାଜ୍ୟ ସରକାର ମୁଖ୍ୟତଃ ପିଡିଏସ୍ ଓ ମଧ୍ୟାହ୍ନଭୋଜନରେ ଚାଉଳ ଖର୍ଚ୍ଚ କରନ୍ତି। ଏହାସହ ଆବଶ୍ୟକ ପଡ଼ିଲେ ବାଲେଶ୍ୱର, କେନ୍ଦୁଝର, କଟକ, ଖୋର୍ଦ୍ଧା, ମୟୂରଭଞ୍ଜ ଭଳି ଜିଲ୍ଲାକୁ ଚାଉଳ ଯୋଗାଣ କରୁଛନ୍ତି। ସମ୍ବଲପୁର ଜିଲ୍ଲାରେ ପିଡିଏସ୍ ଓ ଅନ୍ୟ ଯୋଜନାରେ ମାସକୁ ପ୍ରାୟ ୪୫ ହଜାର କ୍ୟୁଣ୍ଟାଲ ଚାଉଳ ଖର୍ଚ୍ଚ ହୋଇଥାଏ। ଏବେ ଚାଉଳ ସଂଗ୍ରହ ଉପରେ ୧୩ ଲକ୍ଷରୁ ଉର୍ଦ୍ଧ୍ୱର୍ ମିଲର୍ସଙ୍କ ଉପରେ ବକେୟା ରହିବାକୁ ଏହା ଗୋଲକ ଧନ୍ଦା ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଗତ ଫେବୃଆରୀ ମାସରୁ ଚାଉଳ ସଂଗ୍ରହ ହୋଇ ଆସନ୍ତା ଅକ୍ଟୋବର ଶେଷ ସୁଦ୍ଧା ଗତ ଖରିଫ ଧାନର ଶତପ୍ରତିଶତ ଚାଉଳ ନ ଦେଲେ ମିଲରମାନେ ଆଗାମୀ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇପାରିବେ ନାହଁ। ଏହାସହ ଜିଲ୍ଲାରେ ଧାନ ସଂଗ୍ରହ ପରିମାଣ ମଧ ହ୍ରାସ ପାଇବ ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି।

Food Corporation of India
भारतीय खाद्य निगम

ସୂଚନାଯୋଗ୍ୟ, ଗତ ଖରିଫରେ ସମ୍ବଲପୁର ଜିଲ୍ଲାରେ ୩୦ ଲକ୍ଷ ୬୬ ହଜାର ୭୯୯ କ୍ୟୁଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଏଥିରୁ ୬୮ ପ୍ରତିଶତ ଅର୍ଥାତ୍ ୧୪ ଲକ୍ଷ ୫୪ ହଜାର ୯୮ କ୍ୟୁଣ୍ଟାଲ ଚାଉଳ ମିଲ୍‌ଗୁଡିକ ନିଗମକୁ ଦେବା କଥା। ହେଲେ ଏବେ ମାତ୍ର ୭ ଲକ୍ଷ ୩ ହଜାର ୧୨୯ କ୍ୟୁଣ୍ଟାଲ ଚାଉଳ ସଂଗ୍ରହ ହୋଇପାରି ନାହିଁ। ସେହିପରି ବାହାର ଜିଲ୍ଲାରୁ ଧାନ ସଂଗ୍ରହ କରାଯାଇଥିଲା। ଏହାକୁ ନେଇ ଯୋଗାଣ ବିଭାଗ ଚିନ୍ତାରେ ପଡ଼ିଛି ଓ ଅକ୍ଟୋବର ଶେଷ ସୁଦ୍ଧା ଶତପ୍ରତିଶତ ଚାଉଳ ସଂଗ୍ରହ ହେବାର ନିୟମ ରହିଁଛି ନଚେତ୍ ମିଲର୍ସ ଧାନ ସଂଗ୍ରହରୁ ବାଦ୍ ପଡ଼ିବା ସହ ଜିଲ୍ଲାକୁ ଧାନ ସଂଗ୍ରହ ଧାର୍ଯ୍ୟ ପରିମାଣ କମିଯିବ। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସବୁବର୍ଷ ଖରିଫ ଚାଉଳ ସଂଗ୍ରହରେ ବିଳମ୍ବ ହୋଇଥାଏ। ବାସ୍ତବରେ ମିଲରଙ୍କ ପାଖରେ ଧାନ ନ ଥାଏ। ରାଜ୍ୟ ସରକାର କୋଟି ଟଙ୍କା ଖର୍ଚ୍ଚ କରି ଧାନ ସଂଗ୍ରହ କରୁଛନ୍ତି ହେଲେ ବାସ୍ତବରେ ପ୍ରଶାସନର ଅବହେଳା ଯୋଗୁଁ ସମସ୍ୟା ହେଉଛି। ଚାଷୀଙ୍କ କ୍ଷତି ଘଟୁଛି ଓ ଉଚିତ ସମୟରେ ଧାନ ସଂଗ୍ରହ ହେଲେ ଚାଷୀମାନେ ଅଭାବୀ ବିକ୍ରି ଶିକାରରୁ ବର୍ତ୍ତି ପାରିବେ। ଧାର୍ଯ୍ୟ ସମୟରେ ଚାଉଳ ସଂଗ୍ରହ ନ ହେବାରୁ ମିଲ୍‌ରେ ଅଚଳାବସ୍ଥା ଦେଖାଦେଇଛି। ସମୟ ଅତିବାହିତ ହେଉଛି। କମ୍ ସମୟରେ ଟାର୍ଗେଟ ପୂରା କରି ପାରିବେ ନାହିଁ ମିଲର୍ସ।

# ନାକଟିଦେଉଳରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ

**ନାକଟିଦେଉଳ, ୧୯।୫(ସମିସ):** ନିର୍ବାଚନ ପାଇଁ ସବୁ ଦଳ ପକ୍ଷରୁ ପ୍ରଚାର ଚାଲିଥିବା ବେଳେ ଆଜି ନାକଟିଦେଉଳ ଗସ୍ତରେ ପ୍ରଚାର ପାଇଁ ଆସିଛନ୍ତି ଦେଶର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ। ସମ୍ବଲପୁର ଜିଲ୍ଲା ନାକଟିଦେଉଳ ପିଏମ୍ ହାଇସ୍କୁଲ ପଡ଼ିଆରେ ବିଜେପିର ବିକଶିତ ଭାରତ ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରି ଓଡ଼ିଶାକୁ ଆଗେଇ ନେବା ପାଇଁ ଉଭୟ ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଧାନସଭା ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ରଙ୍କୁ ଆଶୀର୍ବାଦ କରନ୍ତୁ ବୋଲି ନିବେଦନ କରିଥିଲେ।




# କୁଚିଣ୍ଡାରେ ନିର୍ବାଚନ ପ୍ରଚାର ପାଇଁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ

**କୁଚିଣ୍ଡା, ୧୯।୫(ସମିସ):** ରବିବାର ମଧ୍ୟାହ୍ନରେ ହେଲିକପ୍ଟର ଯୋଗେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ କୁଚିଣ୍ଡା କଲେଜ ପଡ଼ିଆରେ ଅନୁଷ୍ଠିତ ବିଜେପି ସଂକଳ୍ପ ସମାବେଶରେ ଯୋଗ ଦେଇ ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କୁଚିଣ୍ଡା ବିଧାନସଭା ପ୍ରାର୍ଥୀ ରବି ନାରାୟଣ ନାଏକଙ୍କୁ ବିପୁଳ ଭୋଟ ଦେଇ ବିଜୟୀ କରିବାକୁ ଜଣ ସାଧାରଣଙ୍କୁ ସମ୍ବୋଧନ କରି ଭୋଟ ଭିକ୍ଷା କରିଥିଲେ। ଏହି



ଅବସରରେ ଛତିଶଗଡ଼ ଓ ଓଡ଼ିଶା ପ୍ରଦେଶର ବିଜେପି ସାଧାରଣ ସମ୍ପାଦକ ତଥା ଦଳ ସଂଗଠକ ରଞ୍ଜନ କୁମାର ପଟେଲ, ପ୍ରାର୍ଥୀ ରବି ନାରାୟଣ ନାଏକ, ବରିଷ୍ଠ ବିଜେପି ନେତା ଶୈଳେନ୍ଦ୍ର କୁମାର ନାଏକ, ନଗର ସଭାପତି କାହ୍ନୁ ଚରଣ ନାୟକ, କୋରାପୁଟର ଗୌରୀଶଙ୍କର ନାଏକ, କଳାହାଣ୍ଡି ନେତା ଅନାମ ନାଏକ, ମହାସମୁନ୍ଦର ଲୋକସଭା ପ୍ରାର୍ଥୀ ରୂପ କୁମାର ଚୌଧୁରୀ, ଛତିଶଗଡ଼ ବିଧାୟକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ଦିବ୍ୟରାଜ କିସାନ, ବୃନ୍ଦାବନ ମାଝୀ, ମମତା ପଟେଲ, ଲିଲିମା ନାଏକ, ବରିଷ୍ଠ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରୁଦ୍ର ପ୍ରତାପ ଦେଓ, ଶୁଶିଲ କୁମାର ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ସୁଶୀଲ କର, ମହେଶ ରାଏଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସଭାରେ ଚୌକି ଖାଲି

**ରେଢ଼ାଖୋଲ, ୧୯।୫(ସମିସ):** ରେଢ଼ାଖୋଲ ନାକଟିଦେଉଳ ବିକଶିତ ଭାରତ ବିଜୟ ସଂକଳ୍ପ ସମାବେଶରେ ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ସ୍କୁଲ ପଡ଼ିଆ ଠାରେ ରବିବାର ଦିନ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ସମ୍ବଲପୁର ବିଜେପି ସାଂସଦ ପ୍ରାର୍ଥୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରେଢ଼ାଖୋଲ ବିଜେପି ବିଧାନସଭା ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମରୁ ଟେଣ୍ଟ ଛୋଟ ଥିବା କାରଣରୁ ଟାଣ ଖରାରେ ଜନ ସାଧାରଣ ଛିଡ଼ା ହେବାରୁ କାର୍ଯ୍ୟକ୍ରମ ମୂଳରୁ ଛତ୍ର ଭଙ୍ଗ କରିଥିବା ଦେଖିବାକୁ ମିଳିଥିଲା। ତେବେ ପରେ କାର୍ଯ୍ୟକ୍ରମକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଲା ବେଳେ ଚୌକି ଗୁଡ଼ିକ ସବୁ ଖାଲି ପଡ଼ିଥିଲା। ପ୍ରଚଣ୍ଡ ଟାଣ ଖରାରେ ଆସିଥିବା ଲୋକଙ୍କୁ ପିଇବା ପାଣି ସୁବିଧା ନଥିବା



ବେଳେ ଲୋକେ ପାଣି ପାଇଁ ଏଣେ ତେଣେ ଖୋଜୁଥିଲେ। କେତେକ ଲୋକ ସଭାକୁ କାହିଁକି ଓ କାହାକୁ ଦେଖି ଆସିଛ ବୋଲି ପଚାରିବାରୁ କିଏ ପାଣ୍ଡିଆନ ଆସିଛନ୍ତି ତ କିଏ ମୁଖ୍ୟମନ୍ତ୍ରୀ କିଏ ମୋଦୀ ସରକାରକୁ ଦେଖି ଆସିଛୁ ବୋଲି କହିଥିଲେ। ସଭାକୁ ଟେମ୍ପୋରେ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଲୋକ ଆଣିଥିବା ବେଳେ ସେମାନଙ୍କ ଖାଇବା ପିଇବା ଓ ପାଣି ବ୍ୟବସ୍ଥା ମଧ କରିନାହାନ୍ତି ବୋଲି ଆସିଥିବା ବହୁ ମହିଳା ତାଙ୍କ ପ୍ରତିକ୍ରିୟାରେ କହିଥିଲେ।

## ରେଢ଼ାଖୋଲରେ ଗୋଁଣ୍ଡ ମହାସଭାର ରାଜନୈତିକ ସମୀକ୍ଷା ସଭା

# ୭ ବର୍ଷ ହେଲା କେନ୍ଦ୍ର ସରକାରରେ ପଡ଼ି ରହିଛି ଯୁଯୁମୁରା ବ୍ଲକ ଆଇଟିଡିଏ ପ୍ରସ୍ତାବ

**ରେଢ଼ାଖୋଲ, ୧୯।୫ (ସମିସ)**

ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ରେଢ଼ାଖୋଲ ଉପଖଣ୍ଡ ସଂଯୋଜନାରେ ଦେହେରୀ ସାହି ଶାଳବଣିଆ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଉପଖଣ୍ଡର ୨୦ ଟି ଆଞ୍ଚଳିକ ଗୋଁଣ୍ଡ ଗୁଡ଼ି, ୩ ବ୍ଲକ କମିଟୀ ତଥା ଗୋଁଣ୍ଡ ସମାଜର ନେତୃମଣ୍ଡଳୀ ଯୋଗ ଦେଇଥିବା ବେଳେ ମହାସଭାର ମୁଖ୍ୟ ପୁରୋଧା ସାଂସଦ ରମେଶ ଚନ୍ଦ୍ର ମାଝୀ ସହିତ ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ଯୋଗଦେଇଥି। ଏହି ସଭାରେ ଅଞ୍ଚଳର ମୁଖ୍ୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଗତ ନଭେମ୍ବର ୨୦୧୭ ମସିହାରୁ ଯୁଜୁମୁରା ବ୍ଲକ ଆଇଟିଡିଏରେ ଅନ୍ତର୍ଭୁକ୍ତ କରିବାପାଇଁ ରାଜ୍ୟ ସରକାରଙ୍କ ଠାରୁ ଯାଇଥିବା ବିଧିବଦ୍ଧ ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ଠାରେ ପଡ଼ିରହିଛି। ସମ୍ମିଳିତ ଆଦିବାସୀ ସମାଜ ଓ ମହାସଭାର କର୍ମକର୍ତ୍ତା ମାନେ ବାରମ୍ବାର କେନ୍ଦ୍ର ସରକାରଙ୍କ ମନ୍ତ୍ରୀ ମାନଙ୍କୁ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଜଣାଇଥିଲେ ମଧ ଆଜି ପର୍ଯ୍ୟନ୍ତ ନହେବା ଆଦିବାସୀ ସମାଜଙ୍କ ପ୍ରତି କେନ୍ଦ୍ର ସରକାର ଭେଦଭାବ ଦାଣ୍ଡ ଦୁଆରେ ଖୋଲା ଆଲୋଚନା ହେଉଛି। କେନ୍ଦ୍ର ବିଜେପି ସରକାର ଯେଉଁଭଳି ଭାବେ ଆଦିବାସୀ ମାନଙ୍କୁ ପ୍ରତାରଣା କରୁଛି, ସମ୍ବିଧାନରେ ଥିବା ଆଦିବାସୀ ମାନଙ୍କର ଶିକ୍ଷା, ଆର୍ଥିକ, ରାଜନୈତିକ, ସାମାଜିକ



କ୍ଷେତ୍ରରେ ସୁବିଧା ସୁଯୋଗକୁ ନିର୍ମୂଳ କରିବା ଦିଗରେ ପଦକ୍ଷେପ ବିଶେଷକରି ରାଜନୈତିକ, ନିଯୁକ୍ତିରେ ଥିବା ଆରକ୍ଷଣକୁ ଉଚ୍ଛେଦ କରିବା ପ୍ରୟାସ କରୁଅଛି। ଜନସାଧାରଣଙ୍କୁ ୨୦୧୪ ମସିହାରେ ବିଜେପି ଦଳ ଦେଇଥିବା ଗ୍ୟାରେଣ୍ଟି ପ୍ରତି ଖାତାରେ ୧୫ ଲକ୍ଷ ଟଙ୍କା ପହଞ୍ଚେଇବା, ବର୍ଷକୁ ୨ କୋଟି ଚାକିରି ଦେବା, ଦର ଦାମ ନିୟନ୍ତ୍ରଣ କରିବା ଆଦି ପୂରଣ ହୋଇନଥିବା ବେଳେ କେନ୍ଦ୍ରମନ୍ତ୍ରୀ ତଥା ବର୍ତ୍ତମାନର ସମ୍ବଲପୁର ସାଂସଦ ପ୍ରାର୍ଥୀ ଶ୍ରୀ ପ୍ରଧାନ ପେଟ୍ରୋଲିୟମ ମନ୍ତ୍ରୀ ସମୟରେ ପେଟ୍ରୋଲ, ଡ଼ିଜେଲ, ଗ୍ୟାସଦର ଆକାଶ ଛୁଆଁ ହେବା ଉପରେ ସରକାରଙ୍କ ପଦକ୍ଷେପ ଶୂନ। ଗତ ୧୦ ବର୍ଷ ଶ୍ରୀ ପ୍ରଧାନଙ୍କ ମନ୍ତ୍ରୀତ୍ୱ ସମୟରେ ଓଡ଼ିଶାରେ କୌଣସି ଲୋକ ହିତକର କାର୍ଯ୍ୟ କରିନାହାଁନ୍ତି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ସଂସଦୀୟ କ୍ଷେତ୍ରବାସୀ ବିଜେପିକୁ ବର୍ଜନ କରିବେ। ଅନ୍ୟ ପକ୍ଷରେ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ ମହାସଭା ହୃଦୟଙ୍ଗମ କରିଛି। ୧୦୦ କୋଟି ଟଙ୍କାର ଭୁବନେଶ୍ୱରରେ ଆଦିବାସୀ ଭବନ, ଗୋଁଣ୍ଡ ଭବନ ଏବଂ ବିଭିନ୍ନ ସମାଜର ଉନ୍ନତି ପାଇଁ ଭୁବନେଶ୍ୱରରେ ସାମାଜିକ ଭବନ ଆଦି ନିର୍ମାଣ କରିବା ଜୁଲାଇ ମାସରୁ ବିଜୁଳି ଦର ଛାଡ଼ କରିବା ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କୁ ଆର୍ଥିକ ସହାୟତା ଦେଇ ଉଚ୍ଚଶିକ୍ଷା ପାଇଁ ପ୍ରୋତ୍ସାହିତ କରିବା, ସୁନ୍ଦରଗଡ଼ ଜିଲ୍ଲାରେ ଗୋଁଣ୍ଡ ଶ୍ରୀ କ୍ଷେତ୍ରର ପୁନରୁଦ୍ଧାର ଆଦି ଉନ୍ନୟନ କାର୍ଯ୍ୟପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।


**Format - C1**

**Declaration About Criminal Cases**

As per the Judgement dated 25th September 2018 of Hon'ble Supreme Court in (WP) Civil No.-536 of 2011 (Public Interest Foundation & ORS Vs. Union of India & Anr)

Name & Address of Candidate : Sri Rohit Pujari, House No.101, Sakhipara-30, , PS.-Dhanupali, Dist.-Sambalpur

Name of the Political Party : Biju Janata Dal (BJD)

Name of the Election : Odisha Legislative Assembly,

Name of the Constituency : 17 Sambalpur A/c

I Sri Rohit Pujari (Name of Candidate) a candidate for the above mentioned election declare for public information the following details about my criminal antecedents.

*(A) Pending Criminal Cases*

| Sl No. | Name of the Court | Case No & Date | Status of case | Section of Acts Concerned brief description |
|---|---|---|---|---|
| 1. | JMFC-I (CT), Sambalpur | GR 1025/2013 | pending in the court of JMFC-I (CT), Sambalpur | U/s 341 IPC whoever wrongfully restrains any person<br>U/s 283 of IPC – Causing danger, obstruction, or injury in any public way on line of navigation. |
| 2. | JMFC-I (CT), Sambalpur | GR 2333/2013 | was in court of JMFC-I (CT), Sambalpur but not charge sheeted | U/s 147 of IPC committing rioting<br>U/s 447 of IPC – commits criminal trespass.<br>U/s 427 of IPC Commits mischief thereby causing loss or damage to amount of fifty rupees<br>U/s 149 of IPC every member of unlawful assembly guilty of offence committed in provocation of common object |
| 3 | SDJM, Sambalpur | CT 1013/2010 | pending in court of SDJM, Sambalpur | U/s 143 of IPC-Unlawful Assembly<br>U/s 341 IPC- wrongfully restrains any person<br>U/s 149 of IPC- every member of unlawful assembly guilty of offence committed in provocation of common object |
| 4 | SDJM, Sambalpur | GR 1944/2013 Sambalpur | Pending in the court of SDJM, | U/s 143 of IPC-Unlawful Assembly<br>U/s 341 IPC- wrongfully restrains any person<br>U/s 283 of IPC – Causing danger, obstruction, or injury in any public way on line of navigation.<br>U/s 149 of IPC- every member of unlawful assembly guilty of offence committed in provocation of common object.<br>147 Rly Act.- If any person enter upon any part of Rly without lawful Authority.<br>174 Rly Act – Obstructed any train. |
| 5 | SDJM, Sambalpur | GR 771/2013 | Pending in the court of SDJM, Sambalpur | U/s 143 of IPC-Unlawful Assembly<br>U/s 341 IPC- wrongfully restrains any person<br>U/s 283 of IPC – Causing danger, obstruction, or injury in any public way on line of navigation.<br>U/s 149 of IPC- every member of unlawful assembly guilty of offence committed in provocation of common object.<br>147 Rly Act.- If any person enter upon any part of Rly without lawful Authority.<br>174 Rly Act – Obstructed any train. |

*(B) Details about conviction for criminal offences*

| Sl. No | Name of court & date of Order | Description of offences & punishments imposed | Maximum Punishment Impose |
|---|---|---|---|
| | Nil | Nil | Nil |

*In the case of election to council of states on election to legislative council by MLAs mentioned the election concerned in place of name of constituency.

**Sd/- Rohit Pujari**

